ଅଜନ୍ତା

1

# ଆମ ଭାଷା ଆମ ସାହିତ୍ୟ

## ୧

ସ୍ମିତା ଦାସ (B.Sc., B.Ed.)
ରାଜ୍ୟ ପୁରସ୍କାର ପ୍ରାପ୍ତ
ରୀତା ରାଣୀ ମିଶ୍ର (M.A., B.Ed.)



## ଅଜନ୍ତା ପବ୍ଲିକେଶନସ୍

ଏସ୍-୪୧୭, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮
ଫୋନ୍: ୦୧୧-୨୩୨୩୪୭୪୯

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ଼, ଦିଲ୍ଲୀ-୧୧୦୦୦୬
ଫୋନ: ୦୧୧-୨୩୨୩୪୭୪୯, ୪୩୦୮୧୯୭୭

Website: ajantapublications.com




© ଅଜନ୍ତା ପବ୍ଲିକେଶନସ୍


# ସୂଚୀପତ୍ର





| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଛବି ଦେଖି କୁହ | ୩ |
| ୨. | ଚତୁର କୁଆ | ୪ |
| ୩. | ବୋକା କୁକୁର | ୫ |
| ୪. | ଆସ ପରଖି ଓ ପଢ଼ | ୬ |
| ୫. | ଚିତ୍ର ଦେଖି ଲେଖ | ୭ |
| ୬. | କନକର ଘର | ୮ |
| ୭. | ପାଠ-୧ 'ଆ' (ା) କାର | ୯ |
| ୮. | ପାଠ-୨ 'ଇ' (ି) କାର | ୧୧ |
| ୯. | ପାଠ-୩ 'ଈ' (ୀ) କାର | ୧୪ |
| ୧୦. | ପାଠ-୪ 'ଉ' (ୁ) କାର | ୧୭ |
| ୧୧. | ପାଠ-୫ 'ଊ' (ୂ) କାର | ୨୧ |
| ୧୨. | ପାଠ-୬ 'ଋ' (ୃ) କାର | ୨୪ |
| ୧୩. | ପାଠ-୭ 'ଏ' (େ) କାର | ୨୭ |
| ୧୪. | ପାଠ-୮ 'ଐ' (ୈ) କାର | ୩୦ |
| ୧୫. | ପାଠ-୯ 'ଓ' (ୋ) କାର | ୩୪ |
| ୧୬. | ପାଠ-୧୦ 'ଔ' (ୌ) କାର | ୩୮ |
| ୧୭. | ପାଠ-୧୧ 'ଅନୁସାର' (ଂ) | ୪୨ |
| ୧୮. | ପାଠ-୧୨ 'ବିସର୍ଗ' (ଃ) | ୪୫ |
| ୧୯. | ପାଠ-୧୩ 'ଚନ୍ଦ୍ରବିନ୍ଦୁ' (ଁ) | ୪୮ |
| ୨୦. | ପାଠ-୧୪ 'ହଳନ୍ତ' (୍) | ୫୨ |
| ୨୧. | ପାଠ-୧୫ 'ଓ୍ୱ' ଅକ୍ଷର ଶିକ୍ଷା | ୫୫ |
| ୨୨. | ଏ ଯାଏ ଆମେ କ'ଣ ଶିଖିଲେ | ୫୭ |
| ୨୩. | ପାଠ-୧୬ - ଆସ ଗାଇବା ଗୀତ | ୫୮ |
| ୨୪. | ପାଠ-୧୭ 'ଯ' ଫଳା | ୫୯ |
| ୨୫. | ପାଠ-୧୮ 'ର' (୍ର) ଫଳା | ୬୧ |
| ୨୬. | ପାଠ-୧୯ 'ଳ' (୍ଳ) ଫଳା | ୬୪ |
| ୨୭. | ପାଠ-୨୦ 'ଲ' (୍ଲ) ଫଳା | ୬୬ |
| ୨୮. | ପାଠ-୨୧ 'ବ' (୍ୱ) ଫଳା | ୬୮ |
| ୨୯. | ପାଠ-୨୨ 'ନ' (୍ନ) ଫଳା | ୭୧ |
| ୩୦. | ପାଠ-୨୩ 'ମ' (୍ମ) ଫଳା | ୭୪ |
| ୩୧. | ପାଠ-୨୪ ରେଫ୍ (ର୍) ଯୋଗ | ୭୭ |
| ୩୨. | ପୁଣି ଆମେ କ'ଣ ଶିଖିଲେ | ୮୦ |
| ୩୩. | ପାଠ-୨୫ - ଙ + କ = ଙ୍କ | ୮୧ |
| ୩୪. | ପାଠ-୨୬ - ଙ + ଖ = ଙ୍ଖ | ୮୪ |
| ୩୫. | ପାଠ-୨୭ - ଙ + ଗ = ଙ୍ଗ | ୮୬ |
| ୩୬. | ପାଠ-୨୮ - ଙ + ଘ = ଙ୍ଘ | ୮୮ |
| ୩୭. | ପାଠ-୨୯ - ସଙ୍ଘମିତ୍ରାର ରଂଗମହଲ | ୯୦ |
| ୩୮. | ଚାରି ସଙ୍ଗାତ କଥା | ୯୨ |


*Design by: Vishal Art*

## ଛବି ଦେଖି କୁହ








# ଚତୁର କୁଆ

ଛବି ଦେଖି ଗପ କୁହ-



# ବୋକା କୁକୁର-୧

ଛବି ଦେଖି ଗପ କୁହ-




# ଆସ ପରଖ ଓ ପଢ଼


| | | | | | | | | | | | |
|---|---|---|---|---|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ | ଋ | ଏ | ଐ | ଓ | ଔ |

| | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|
| କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ | ଟ | ଠ | ଡ | ଢ଼ | ଣ | ତ | ଥ | ଦ |
| ଧ | ନ | ପ | ଫ | ବ | ଭ | ମ | ଯ | ର | ଳ | ବ | ଶ | ଷ | ସ | ହ | କ୍ଷ | ୟ | ଲ |

| | | | |
|---|---|---|---|
| ଅରଟ | କରତ | କମଳ | କଲମ |
| ଆଈ | ଖବର | ଖଇର | ଖଗ |
| ଇଭ | ଗଛ | ଗହଳ | ଗଉଡ଼ |
| ଈଶ | ଘର | ଘଉଡ଼ | ଘଡ଼ଘଡ଼ |
| ଉଇ | ଚପଲ | ଚକ | ଚହଳ |
| ଊଖଳ | ଛପର | ଛକ | ଛଅ |
| ଋଣ | ଜଟ | ଜହର | ଜନମ |
| ଏକ | ଝର | ଝଲକ | ଝମଝମ |
| ଐର | ଟଗର | ଟସର | ଟହଟହ |
| ଓଟ | ଠକ | ଠକଠକ | ଠପଠପ |
| ଔଷଧ | ଡଗର | ଡର | ଡହଳ |
| ଢଗ | ତପନ | ଥରଥର | ଦମକଳ |
| ଧର | ଧବଳ | ଧମକ | ନଗର |
| ପବନ | ପଉଷ | ଫଳ | ଫଉଜ |
| ବରଫ | ବଗ | ଭବନ | ମଉନ |
| ଯଅ | ଯବନ | ରଥ | ଶର |
| ସବଳ | ହଳ | କ୍ଷର | ଲବଣ |

# ଚିତ୍ର ଦେଖି ଲେଖ














# କନକର ଘର



କନକର ଘର ବଣର ତଟ
ଅଜଗର ଆଉ ମଗର ରଟ ॥
ବଣର ପବନ ଗଛ ପତର
ଖବର ରଖଇ କନକ ବର ॥
କନକର ବର ତପନ ବଳ
ଭକ୍ଷଣ କରଇ ବଣର ଫଳ ॥



ଫଳ ଆଣ ଖଟ ଉପର ରଖ
ଏକ ଏକ ଫଳ କର ପରଖ ॥
କନକ କହଇ ଗଗନ ଆସ
ସଅଳ ସଅଳ କମର କଷ ।
ଗଛ ପତରର କର ଆଦର
ସରଗ ସମ ଏ ଘର ଆମର ॥


# ପାଠ-୧

କ୍ + ଆ = କା ଖ୍ + ଆ = ଖା

## 'ଆ' କାର - (।)

ଗା ଘା ଚ଼ା ଛା ଜା ଝା ଟା ଠା ଡା ଢା ଣା ତା ଥା ଦା ଧା ନା

ପା ଫା ବା ଭା ମା ଯା ରା ଳା ଶା ଷା ସା ହା କ୍ଷା ଯ୍ୱା ଲା



**କାଉ**



**ଛତା**

| | | | |
|---|---|---|---|
| ହାତ | ସକାଳ | ମାଘମାସ | ଆକାଶତାରା |
| ଭାତ | ପଖାଳ | ଉପବାସ | ବରଷାଧାରା |
| କାତ | ଶାସନ | ନାରାୟଣ | ପାହାଡ଼ ଚଢ଼ |
| ଧାନ | ବାସନ | ରାମାୟଣ | କାଗଜ ପଢ଼ |
| ପାନ | ଚାକର | ବାରମଜା | ଧବଳ ପାରା |
| ବାପା | ସାହସ | ବାଟଘାଟ | କଜଳ କଳା |

ପାଠ ପଢ଼ ଲଗାଇ ମନ । ବାପା ମାଆ କଥାମାନ ।
ଚାଷ କର ଧାନ କାଟ । ଚାଲ ଭାଇ ଭଲ ବାଟ ।
କାମନା ବାସନା ମନର ଘର । ଭାତ ମାଛ ଖାଇ ଚାଲ ବଜାର ।
ଆମର ଅଜା ଖାଇବ ଖଜା । ଆଈ ଏଥର ମନର ରଜା ।

## ତୁମ ପାଇଁ କାମ


### ୧. ସଜାଡ଼ି ଲେଖ


ସଶାନ, ଖାପଲ, ରକଚା, ଜାବର, ଘମାମାସ, ସନବା
ରାନାୟଣ, ମାରାୟଣ, ରବାମଜା, ଟଘାବାଟ, ଠପାଶାଳା

### ୨. ଇଂରାଜୀରୁ ଓଡ଼ିଆ କର ।

| | | | | | |
|---|---|---|---|---|---|
| Father | – | .................... | Snake | – | .................... |
| Cow | – | .................... | Morning | – | .................... |
| Hand | – | .................... | School | – | .................... |
| Ear | – | .................... | Market | – | .................... |
| Crow | – | .................... | Paper | – | .................... |

### ୩. ଚିତ୍ର ଦେଖି ଖାଲି ସ୍ଥାନ ପୂରଣ କର ।



_______ _______ _______ _______


# ପାଠ-୨

କ୍ + ଇ = କି          ଖ୍ + ଇ = ଖି

## 'ଇ' କାର - ( ି )

ଗି ଘି ଚି ଛି ଜି ଝି ଟି ଠି ଡି ଢି ଣି ତି ଥି ଦି ଧି ନି
ପି ଫି ବି ଭି ମି ଯି ରି ଳି ଶି ଷି ସି ହି କ୍ଷି ୟି ଲି

ମାଛି 

 ହରିଣ

| | | | | | |
|---|---|---|---|---|---|
| ଚିନି | ମାଠିଆ | ଦିଆସିଲି | ନିତି | ନିକିତି | କଲିକତା |
| ଗିନି | ବାଳିଆ | କିରାସିନି | ରାତି | ମିନତି | ଇତିହାସ |
| ଡାଳି | ବାଳିକା | ଝିଟିପିଟି | ପିଠା | ସଳିତା | ଝିଲିମିଲି |
| ବାଲି | ତାଲିକା | ଟିକିଟିକି | ଚିଠା | ବଳିତା | ଖିଲିଖିଲି |

## ଭଲ ପିଲା

ରାତି ପାହିଲାଣି ରାବଇ କାଉ
ଉଠ ଉଠ ମଠ ନ କର ଆଉ ।
ବହି ଖାତା ଧରି ବସି ପଢ଼ିବା
କାଲି କାମ ଯାହା ଆଗ ସାରିବା ।






ଆଜିର କାମଟି ଅବିକା କର
ବାସି କାମ ଲାଗି ନ ଥିବ ଡର ।
ସମୟ ଜଗି କି କାମ କରିବ
'ଆମ ପିଲା ଭଲ' ମାଆ କହିବ ।

## ତୁମ ପାଇଁ କାମ

### ୧. ଚିତ୍ର ଦେଖି ନାମ ଲେଖ ।


______ ______ ______





______ ______ ______

### ୨. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Book | – ............... | Deer | – ............... |
| Sugar | – ............... | Girl | – ............... |
| Night | – ............... | Sand | – ............... |
| Lizard | – ............... | History | – ............... |

## ୩. ଖାଲି ଜାଗାରେ ଠିକ୍ ଅକ୍ଷର ଲେଖ ।

| | |
|---|---|
| ମା -- ଆ | ଝୁଟି -- ଟି |
| ବା -- କା | ଦିଆ -- ଲି |
| ନି -- ତି | ବି -- ପିଠା |
| ନ -- ଆ | ଛ -- ବହି |

## ୪. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।

ଖାଏ ଭାତ ବିନି । ______________________

ଲାଗଇ କାକରା ମିଠା ପିଠା । ________________

ଆଣ ବହି ଖାତା ହରି । ____________________

## ୫. ଆସ ଅଭିନୟରେ ଗାଇବା ।

ମିଠା ଲାଗଇ ଖିରି, ମିଶିରି
ଲାଗଇ ମିଠା ଚିନି ।
ଦହିତ ଖଟା      କଲରା ପିତା
ଚଳିବ ଏହା ଜାଣି ।





ହରିଡ଼ା କଷା      ବାହାଡ଼ା କଷା
ଆଈମା ଗପ ମିଠା
ମରିଚ୍ ରାଗ      ପିଲା ନ ମାଗ
କଇଥ ଭାରି ଖଟା ।

# ପାଠ-୩

କ୍ + ଈ = କୀ ଖ୍ + ଈ = ଖୀ


## 'ଈ' କାର - (1)

ଗୀ ଘୀ ଚୀ ଛୀ ଜୀ ଝୀ ଟୀ ଠୀ ଡୀ ଢୀ ଣୀ ତୀ ଥୀ ଦୀ ଧୀ

ନୀ ପୀ ଫୀ ବୀ ଭୀ ମୀ ଯୀ ରୀ ଳୀ ଶୀ ଷୀ ସୀ ହୀ କ୍ଷୀ



**ପକ୍ଷୀ**



**ହାତୀ**

| | | | | | |
|---|---|---|---|---|---|
| ଶୀତ | ଶରୀର | ବୀଣାପାଣି | ଧନୀ | କାହାଣୀ | ଆଜୀବନ |
| ଗୀତ | ଧୀବର | ମହାନଦୀ | ମାନୀ | ଭଉଣୀ | ମହାଦୀପ |
| ରାଣୀ | ଜନନୀ | ଦୀପାବଳୀ | ନାନୀ | ଜୀବନ | ବିପରୀତ |
| ବାଣୀ | ରଜନୀ | ସମୀଚୀନ | ନଦୀ | ନବୀନ | ପୀତବାସ |

ଶୀତଳ ସମୀର ବହଇ ଧୀର
ତରଣୀ ଭାସଇ ନଦୀର ତୀର ।
ଗଭୀର ନଦୀକି ଧୀବର ଯାଇ
ମୀନ ଧରିଅଛି ଜାଲ ପକାଇ ।



ରଜନୀ ପାହିଲା          କାହାଳୀ ବାଜିଲା

ଗୀତ ଆସିଲାଣି ଭାସି ।

ଆସଯିବା ମୀରା          ମଠ ପାଖି ପରା

ଧରିଣ କଦଳୀ ରାଶି ।





ରଜନୀ ରାଣୀ କି ଭଲ ଲାଗିଥାଏ

ଆକାଶର ଶଶୀ ତାରା ।

ଭାରତବାସୀର ଆପଣାର ବାନା

ଜାତୀୟ ପତାକା ପରା ।

ପକ୍ଷୀ ଭଲପାଏ ନୀଳ ଆକାଶଟି

ମୀନ ଗହୀରିଆ ଜଳ ।

ଧନୀ ଭଲପାଏ ଧନ ଦଉଲତ

ମାଆ ପିଲାଟିର ବଳ ।



## ତୁମ ପାଇଁ କାମ

୧. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଶବ୍ଦ ଯୋଡ଼ ।



| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଶୀତଳ | କଦଳୀ |
| ଜାତୀୟ | ଭଉଣୀ |
| ପାଚିଲା | ପତାକା |
| ଭାଇ | ରାଣୀ |
| ରାଜା | ଜଳ |

## ୨. ଇଂରାଜୀରୁ ଓଡ଼ିଆ କର ।

| | | | | | |
|---|---|---|---|---|---|
| Bird | – | ............... | Elephant | – | ............... |
| Song | – | ............... | Queen | – | ............... |
| River | – | ............... | Sister | – | ............... |

## ୩. ବନ୍ଧନୀ ମଧରୁ ଶବ୍ଦ ନେଇ ଛବି ତଳେ ଲେଖ ।

(ହାତୀ, ମୀନ, କଦଳୀ, ପକ୍ଷୀ, ନାଉରୀ, ଦୀପ)

| | | | | | |
|---|---|---|---|---|---|
|  |  |  |  |  |  |
| | | | | | |

## ୪. ଖାଲି ଜାଗା ପୂରଣ କର ।

ଶ_____ର     _____ତବାସ     _____ବର

ମହା_____ପ     ଜନ_____     ବିପ_____ତ

କାହା_____     ଆ_____ବନ     ଜା _____ ୟ

## ୫. ସଜାଡ଼ି ଲେଖ ।

ରଶରୀ _______     ନଜୀବ _______     ପବିରୀତ _______

ବଧୀର _______     ଣାବୀପାଣି _______     ତପୀବାସ _______

ଣୀକାହା _______     ଜରନୀ _______     ହାମନଦୀ _______

## ୬. 'କ' ଠାରୁ 'ଳ' ପର୍ଯ୍ୟନ୍ତ '1' ଈ କାର ଲଗାଇ ଶବ୍ଦ ଲେଖ ।


# ପାଠ-୪

କ୍ + ଉ = କୁ      ଖ୍ + ଉ = ଖୁ

'ଉ' କାର - ( ୁ )

ଗୁ ଘୁ ଚୁ ଛୁ ଜୁ ଝୁ ଟୁ ଠୁ ଡୁ ଢୁ ଣୁ ତୁ ଥୁ ଦୁ ଧୁ ନୁ

ପୁ ଫୁ ବୁ ଭୁ ମୁ ଯୁ ରୁ ଲୁ ଶୁ ଷୁ ସୁ ହୁ କ୍ଷୁ ୟୁ ଳୁ



ଧନୁ



ଶୁଆ

| | | | | | |
|---|---|---|---|---|---|
| ଆଳୁ | କୁକୁଡ଼ା | ବୁଧବାର | ଖୁଡ଼ୀ | ବାଛୁରୀ | ଆଖୁରସ |
| ଲୁହା | କୁକୁର | ଗୁରୁବାର | ଝୁଡ଼ି | ସପୁରୀ | ପୁଷମାସ |
| କୁଆ | ଭାକୁର | ଶାଶୁଘର | ଗଡୁ | ଯୁବକ | ନିରୁପାୟ |
| ଗୁଆ | ବିଲୁଆ | ଧନୁଶର | ଖଡୁ | ଭାବୁକ | ସମୁଦାୟ |

ବରଷା ପାଗକୁ ମୁଢ଼ି ନଡ଼ିଆ
ପାଟିକୁ ଲାଗଇ ଭାରି ବଢ଼ିଆ ।





ବିଲୁଆ ଆଖିରୁ ଝରୁଛି ଲୁହ
ଭାଲୁ ବଇଦକୁ ଖବର କୁହ ।

ମାଆ ନାମ ଡାକ ସବୁଠୁ ମଧୁର
ମାଆଟି ଆମର ଅତି ଆପଣାର ।
ସକାଳୁ ଉଠି ମୁଖ ଧୁଅ । ମିଛ ନ କହି ସତ କୁହ ।



ବାଡ଼ି ବଗିଚାରୁ ଫୁଲ ଆଣ । ଠାକୁର ଲାଗି ଦିଅ ।
ପଶୁପକ୍ଷୀ ପାଳ । ବଗିଚା କାମ କର । ଗଛ ଲଗାଅ ।
କାରଣ ବହୁତ ଫୁଲ ଓ ଫଳ ମିଳିବ ।
ଗଛଗୁଡ଼ିକ ଭାରି ଉପକାରୀ ।
ତା'ର ସବୁଜିନିଷ ମଣିଷର ଦରକାରୀ ।









ଅନ୍ୟଥା ବୁଲାବୁଲି ନ କରି ଏସବୁ କାମ କର ।
ଏଥିରୁ ଉପକାର ପାଇବ ଓ ଖୁସି ଲାଗିବ ।
ପଢ଼ା ସମୟରେ ପଢ଼ାପଢ଼ି କର ।



# ତୁମ ପାଇଁ କାମ

୧. ଚିତ୍ର ଦେଖି ନାମ ଲେଖ ।

୨. 'ଉ' କାର ( ୁ ) ଲାଗିଥିବା ଶବ୍ଦ ବାଛି ପେଡ଼ିରେ ରଖ ।

ଯୁବକ, ଉପର, ଉଷୁମ

ହାତୁଡ଼ି, ଉଧାର, ପୁରୁଷ

ଚତୁର, କୁସୁମ, ଚାଉଳ

ମମତା, ମାଧୁରୀ, ବିଲୁଆ

ମଧୁର, ଆଳୁଅ, ସମୟ

| | |
|---|---|
| | |
| | |
| | |
| | |
| | |

୩. ଠିକ୍ ଅକ୍ଷର ତଳେ 'ଉ' କାର ଲଗାଇ ନୂଆ ଶବ୍ଦ ଲେଖ ।

ନଟ ________ ଧନ ________ ତର ________ ବଡ଼ ________

ଝାଡ଼ ________ ଭାଲ ________ ଜଡ଼ା ________ ଗଡ଼ି ________

## ୪. ଇଂରାଜୀରୁ ଓଡ଼ିଆ କର ।

| | | | | | |
|---|---|---|---|---|---|
| Parrot | – | ............... | Potato | – | ............... |
| Dog | – | ............... | Wednesday | – | ............... |
| Hen | – | ............... | Thursday | – | ............... |

## ୫. ସଜାଡ଼ି ଲେଖ ।

ଛୁବାରୀ _______ ପୁସରୀ_______ ଡାକୁକୁ_______

ଧବୁବାର_______ ନୁଧଶର_______ ରଖୁଆସ_______

## ୬. ଉତ୍ତର କୁହ ।

(କ) ବରଷା ପାଗକୁ କ'ଣ ଭଲ ଲାଗେ ?

(ଖ) କାହା ଆଖିରୁ ଲୁହ ଝରୁଛି ?

(ଗ) ସକାଳୁ ଉଠି କ'ଣ କରିବ ?

(ଘ) କିଏ ଆମର ଭାରୀ ଉପକାରୀ ?

# ପାଠ-୫

କ୍ + ଊ = କୂ　　　　ଖ୍ +ଊ = ଖୂ

## 'ଊ' କାର - ( ୂ )

ଗୂ ଘୂ ଚୂ ଛୂ ଜୂ ଝୂ ଟୂ ଠୂ ଡୂ ଢୂ ଣୂ ତୂ ଥୂ ଦୂ ଧୂ ନୂ

ପୂ ଫୂ ବୂ ଭୂ ମୂ ଯୂ ରୂ ଲୂ ଶୂ ଷୂ ସୂ ହୂ କ୍ଷୂ ୟୂ ଳୂ



ମୂଳା



ମୟୂର

| | | | |
|---|---|---|---|
| ଭୂମି | ତୂରୀ | ଶୂକର | ମରୁଭୂମି |
| ମୂଷା | ମୂଳ | ନୂପୁର | କୂଅମୂଳ |
| କୂଅ | ମୂଲ | ନୂତନ | ନଦୀକୂଳ |
| ଧୂଳି | ପୂଜା | ପୂଜକ | ତରୁମୂଳ |
| ସୂତା | ଦୂତ | ଦୂଷିତ | ଅନୁକୂଳ |

## ମୂଷା ପାଇଲା ନୂଆ ଜୀବନ


ନଈକୂଳ । ମୟୂରଟିଏ ଚୂଳ ହଲାଇ ନାଚୁଥାଏ । ବୁଦା ମୂଳରୁ ସାପଟିଏ ବାହାରି ମୂଷାର ପିଛା କଲା । ମୂଷା ବିଚରା ଡରିଡରି ଦଉଡ଼ି ଆସିଲା ମୟୂର ପାଖକୁ । ମୟୂର ମୂଷାକୁ ପଚାରିଲା - 'କଥା କଅଣ ?'

ମୂଷା ସାପ କଥା କହିଲା । ମୟୂର କହିଲା -
"ଏଇ କଥା ! ତାକୁ ଠିକଣା ଜବାବ ଦଉଛି ।"



ସାପ ଏଥର ପାଖକୁ ଆସିଲା । ମୟୂର ସାପର କାଳକୂଟ ବିଷକୁ ନ ଡରି ତାକୁ ଗଡ଼ଗଡ଼ କରି ମାରି ପକାଇଲା । ମୟୂର ଦୟାରୁ ମୂଷା ନୂଆ ଜୀବନ ପାଇଲା । ମୟୂର ପାଦଧୂଳି ତିଳକ କରି ବୁଦା ମୂଳକୁ ଚାଲିଗଲା ।

ମୟୂର ନାଚୁଛି ଚୂଳ ହଲାଇ
ବର ଆସୁଛି ତୂରୀ ବଜାଇ ।
**ମୟୂର ଆମର ଜାତୀୟ ପକ୍ଷୀ ।**



## ତୁମ ପାଇଁ କାମ

୧. 'ଊ' ( ୂ ) ଲାଗିଥିବା ଅକ୍ଷର ତଳେ ଗାର ଦିଅ ।

| | | | | |
|---|---|---|---|---|
| ନୂତନ | ମୟୂର | ନୂପୁର | ନଦୀକୂଳ | ସୁଶୀତଳ |
| ଦୂଷିତ | ପାଦଧୂଳି | ଶୂକର | ଭୂମିକା | ଭୂତନାଥ |

୨. ତଳ ଶବ୍ଦଗୁଡ଼ିକର ଠିକ୍ ଅକ୍ଷରରେ 'ଊ' କାର ଲଗାଇ ନୂଆ ଶବ୍ଦ ଲେଖ ।

କପ ________ ମଳ ________ ଦର ________ ରପ ________

କଳ ________ ଚଳ ________ ମଲ ________ ତରୀ ________

୩. ଇଂରାଜୀରୁ ଓଡ଼ିଆ କର ।

| | | | | | |
|---|---|---|---|---|---|
| Rat | – | ............... | Peacock | – | ............... |
| Root | – | ............... | Well | – | ............... |
| Thread | – | ............... | Dust | – | ............... |

୪. ସଜାଡ଼ି ଲେଖ ।

ୟୂମର ________ ତନୂନ ________ ଜପୂକ ________

ଷିଦୂତ ________ ପୁନୂର ________ ରୁତମୂଳ ________

ନୂଅକୂଳ ________ ତାସୂକଳ ________ କାଭୂମି ________

୫. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ମେଳ ଖାଉଥିବା ଶବ୍ଦକୁ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନଦୀ | କଳ |
| ସୂତା | କୂଳ |
| କୂଅ | ମୂଳ |
| ଦୂର | ଭୂମି |
| ମରୁ | ବାଟ |

୬. ଉତ୍ତର କୁହ ।

(କ) ସାପଟି କାହାର ପିଛା କଲା ?

(କ) ସାପକୁ କିଏ ମାରି ପକାଇଲା ?

(ଗ) କାହା ଦୟାରୁ ମୂଷା ନୂଆ ଜୀବନ ପାଇଲା ?

୭. 'କ' ଠାରୁ 'ଲ' ପର୍ଯ୍ୟନ୍ତ 'ୂ' ଊ କାର ଲଗାଇ ଲେଖ ।

# ପାଠ-୬

କ୍ + ର = କୃ                    ଖ୍ + ର = ଖୃ

## 'ର' କାର - ( ୃ )

ଗୃ ଘୃ ଚୃ ଛୃ ଜୃ ଝୃ ଟୃ ଠୃ ଡୃ ଢୃ ଣୃ ତୃ ଥୃ ଦୃ ଧୃ ନୃ
ପୃ ଫୃ ବୃ ଭୃ ମୃ ଯୃ ରୃ ଲୃ ଶୃ ଷୃ ସୃ ହୃ କ୍ଷୃ ୟୃ ଳୃ



ମୃଗ



ବୃକ୍ଷ

| | | | | |
|---|---|---|---|---|
| ତୃଣ | ନୃପ | ବୃଷଭ | ପୃଥକ | ମାତୃଭୂମି |
| ଭୃଣ | କୃମି | କୃଷକ | ଗୃହିଣୀ | ସରୀସୃପ |
| ହୃତ | କୃଷି | ପୃଥିବୀ | ମୃଣାଳ | ତୃଷାତୁର |
| ମୃତ | ଭୃଗୁ | ତୃତୀୟ | ସୁଦୃଢ଼ | ଉପକୃତ |
| ଧୃତ | ମୃଦୁ | ଅମୃତ | ସୃଜନ | କୃପାଭିକ୍ଷା |

# ଆମ ମାତୃଭୂମି

ବୀର ସଇନଟି ମାତୃଭୂମି ଜଗେ
କୃଷକ ଯୋଗାଏ ଦାନା,
ଗାଈ ଦୁଧରୁ ଘୃତ ମିଳିଥାଏ
କପାରୁ ମସୃଣ କନା ।
ପୃଥିବୀ ମାତାର ହୃଦୟଟି ବଡ଼
ଅମୃତ ପରଶି ଥାଏ,
ମାତୃଭୂମି ମାତୃଭାଷାର ମମତା
ବିନା କୁହ ବଡ଼ କିଏ ?





## ତୁମ ପାଇଁ କାମ

୧. ବନ୍ଧନୀରୁ ଶବ୍ଦ ନେଇ ଉପଯୁକ୍ତ ଚିତ୍ର ପାଖରେ ଲେଖ -

(ତୃଣ, ଶୃଗାଳ, ମୃଗୁଣୀ, ବୃଷଭ, କୃଷକ, ଗୃହ)



__________


__________


__________


__________


__________


__________

୨. ବନାନ ଠିକ୍ କରି ଲେଖ।

ପୁଥିବି _______ କୃଶକ _______ ସରିଶୃପ _______

ମାତୁଭୁମି _______ ଗୃହିଣି _______ ତୃଷାତୁର _______

୩. ଇଂରାଜୀରୁ ଓଡ଼ିଆ କର।

| | | | |
|---|---|---|---|
| Deer | – .................. | Mother Land | – .................. |
| Tree | – .................. | Reptile | – .................. |
| Farmer | – .................. | Earth | – .................. |

୪. ନିଜ ମନରୁ 'ଋ' କାର ଲାଗିଥିବା କିଛି ଶବ୍ଦ ଲେଖ।

_______ _______ _______ _______

_______ _______ _______ _______

୫. କୁହ।

(କ) ବୀର ସଇନ କ'ଣ କରେ ?

(ଖ) କିଏ ଦାନା ଯୋଗାଏ ?

(ଗ) କାହାର ହୃଦୟ ବଡ଼ ?

(ଘ) ଗାଈ ଦୁଧରୁ କ'ଣ ମିଳେ ?

ଆମ ମାତୃଭାଷା ଓଡ଼ିଆ ।

# ପାଠ-୭


କ୍ + ଏ = କେ　　　　ଖ୍ + ଏ = ଖେ

## 'ଏ' କାର - (େ)

ଗେ ଘେ ଚେ ଛେ ଜେ ଝେ ଟେ ଠେ ଡ଼େ ଢ଼େ ଣେ ତେ ଥେ ଦେ ଧେ ନେ
ପେ ଫେ ଭେ ମେ ଯେ ରେ ଳେ ଶେ ଷେ ସେ ହେ କ୍ଷେ ୟେ ଲେ



ବିଲେଇ



ନେଉଳ

| | | | |
|---|---|---|---|
| ଖେଳ | ଦେବା | ଦେଉଳ | ଆମଦେଶ |
| ବେଳ | ନେବା | ନେଉଳ | ବରବେଶ |
| ଗେଲ | କେଳା | ଶେଉଳ | ସାଥୀମାନେ |
| ତେଲ | ମେଳା | ବିଲେଇ | ଖିରାବେଳ |
| ଦେଖ | ରେଣୁ | କୁଲେଇ | ବେଲପଣା |
| ଲେଖ | ବେଣୁ | ଚଢ଼େଇ | ପରିବେଶ |
| ମେଷ | ଦେଶ | କଡ଼େଇ | ଉପଦେଶ |
| ବେଶ | ଶେଷ | ଗଣେଶ | ବେଳାଭୂମି |

# ଆମ ଦେହ





ହାତେ କାମ କରେ
ପାଦେ ଚାଲଇ,
ଆଖି ଦେଇ ଦେଖେ
କାନେ ଶୁଣଇ ।



ନାକେ ବାସନାଟି
ଜଣା ପଡ଼ଇ,
ଶୀତଳ ଗରମ
ଚମେ ଜାଣଇ ।



ଖଟା ମିଠା ଜିଭେ
ବାରି ପାରଇ
ଏଗୁଡ଼ିକ ନେଇ
ଦେହ ଚଳଇ ।





x



କାଲିକାମ ଆଜି କର ଭାଇ
ଆଜି କାମ କର ଏବେ,
ମନେରଖ ପିଲାମାନେ ତୁମେ
ଏହା ଭୁଲିବନି କେବେ ।

## ତୁମ ପାଇଁ କାମ

**୧. 'ଏ' କାର ଲାଗିଥିବା ଶବ୍ଦଗୁଡ଼ିକୁ ଝୁଡ଼ିରେ ଥିବା 'ଏ' ଅକ୍ଷର ସହ ଗାର ଟାଣି ଯୋଡ଼ ।**

ବିଲେଇ

ଦେହ

ଗରମ




ବିଦେଶ

କେନାଲ

ଏଗାର ଦେଶ

**୨. 'ଏ' କାର ଲଗାଇ ନୂଆ ଶବ୍ଦ ଲେଖ ।**

ଦଶ _____ ବଳ _____ ଗଲ _____ ଚଢ଼ଇ _____

ବଶ _____ କଳା _____ କଶ _____ ବଢ଼ଇ _____

**୩. ଇଂରାଜୀରୁ ଓଡ଼ିଆ କର ।**

Hair – ................ Bird – ................

Temple – ................ Cat – ................

Country – ................ Game – ................

**୪. ଉତ୍ତର କୁହ ।**

(କ) ନାକ ଦ୍ୱାରା କ'ଣ ଜଣାପଡ଼େ ?

(ଖ) କାହା ଯୋଗୁଁ ଆମେ ଶୀତଳ ଗରମ ଜାଣୁ ?

(ଗ) ଆମେ ଖଟାମିଠା କିପରି ଜାଣୁ ?

# ପାଠ-୮

କ୍ + ଐ = କୈ          ଖ୍ + ଐ = ଖୈ

## 'ଐ' କାର - (ୈ)

ଗୈ ଘୈ ଚୈ ଛୈ ଜୈ ଝୈ ଟୈ ଠୈ ଡ଼ୈ ଢ଼ୈ ଣୈ ତୈ ଥୈ ଦୈ ଧୈ ନୈ
ପୈ ଫୈ ବୈ ଭୈ ମୈ ଯୈ ରୈ ଲୈ ଶୈ ଷୈ ସୈ ହୈ କ୍ଷୈ ୟୈ ଳୈ



**ସୈନିକ**




**ତୈଳ**


| | | | |
|---|---|---|---|
| ଦୈବ | ବୈଠକ | କୈଳାସ | ବୈତରଣୀ |
| ଶୈବ | ଦୈନିକ | ବୈଶାଖ | ଦୈବବାଣୀ |
| ନୈଶ | ବୈଦିକ | କୈଶୋର | ଶୈଳବାଳା |
| ବୈର | ଗୈରିକ | ଭୈରବ | ତୈଳଦୀପ |
| ଶୈଳ | ନୈତିକ | ପୈଶାଚ | ଐରାବତ |
| ଜୈନ | ବୈଶାଳୀ | ଶୈଶବ | ଶୈବପୀଠ |
| ପୈଠ | ଶୈବାଳ | ବୈରାଗୀ | ଶୈଳନିବାସ |
| ବୈଧ | ମୈଥିଳୀ | ରୈଖିକ | ହୈମବତୀ |

# ଖରାବେଳେ ଯଦି ପଦାକୁ ଯିବ

ବୈଶାଖ ମାସ । ଟାଣ ଖରା । କୈଳାସ ବୈଠକ ଘରେ ବସି ଦୈନିକ ଖବର କାଗଜଟିଏ ପଢୁଥାଏ । ଏତିକିବେଳେ ପାଖ ଖେଳପଡିଆ ପଟୁ କିଛି ଶବଦ ଶୁଭିଲା । କଥା କ'ଣ ଜାଣିବା ପାଇଁ କୈଳାସ ସେପଟକୁ ଆସି ଦେଖିଲା । ଜନୈକ ଲୋକ



ଟାଣଖରା ହେତୁ ଚେତା ଚୈତନ ହରାଇ ପଡ଼ିଛି । ଗୈରିକ ବସନ ପରିହିତ ଜଣେ ଜୈନ-ସାଧୁ ତାକୁ ଟେକାଟେକି କରୁଥିଲେ । କୈଳାସ ସେଠାକୁ ଗଲା । ଉଭୟେ ଲୋକଟିକୁ ପଡିଆ ନିକଟ ଶୈବପୀଠକୁ ନେଇଆସିଲେ । ଦେହସାରା ଓଦା ଗାମୁଛାରେ ପୋଛି ଦେଲେ । ଦୈବ-କୃପାରୁ ଶୈବପୀଠରେ ବିଜୁଳି ଥିଲା । ଲୋକଟିକୁ ପବନ ତଳେ ବସାଇ କିଛି ସମୟ ଆରାମ କରିବାକୁ ଛାଡ଼ିଦେଲେ । ଧୀରେ ଧୀରେ ସେ ଚେତା ଫେରିପାଇଲା । ସତେଜ ହେଇ ଘରକୁ ଫେରିବା ବେଳକୁ କୈଳାସ କହିଲା, ଶୁଣ ! ଖରାଦିନର ଖରାବେଳେ ପଦାକୁ ଯିବା ଅନୁଚିତ । ଯଦି ଖରାରେ ପଦାକୁ ଯିବା, ତେବେ ଏପରି ଅଘଟଣ ଘଟିବ ।



## ତୁମ ପାଇଁ କାମ

୧. ପାଠରେ ଥିବା 'ଐ' କାର ଲାଗିଥିବା ଶବ୍ଦଗୁଡ଼ିକୁ ବାଛି ଲେଖ ।

ଶୈଶବ କାଳରୁ କରିବା ପଣ ।
ଦେଶ ସେବାକରି ଶୁଝିବା ଋଣ ।
ବୀର ସୈନିକ ଆମେ ସାଜିବା ।
ଅଇରି ସାଥିରେ ଆସ ଲଢ଼ିବା ।

୨. ଫୁଲ ପାଖୁଡ଼ାରୁ ଠିକ୍ ଅକ୍ଷର ଆଣି ଖାଲି ଜାଗା ପୂରଣ କର ।

______ ଶାଖୀ, ______ ନିକ

______ ଳାସ, ______ ଶବ

______ ତରଣୀ




୩. ଇଂରାଜୀରୁ ଓଡ଼ିଆ କର ।

Soldier – ................ Mountain – ................

Oil – ................ Childhood – ................

Daily – ................ Meeting – ................

୪. ସଜାଇ ଲେଖ ।

କଠବୈ ______ ତାଖୈନ ______ ସୈକନି ______

କଗୈରି ______ ପୀଶୈଠବ ______ ଶୈବାଳଳା ______

## ୫. ଖାଲି ଜାଗା ପୂରଣ କର ।

(କ) କୈଳାସ ______ ଘରେ ବସି ______ ଖବର କାଗଜ ପଢୁଥିଲା ।

(ଖ) ଏତିକିବେଳେ ପାଖ ଖେଳ ______ ପଟୁ କିଛି ଶବ୍‌ଦ ଶୁଭିଲା ।

(ଗ) ଦୈବ କୃପାରୁ ______ ରେ ବିଜୁଳି ଥିଲା ।

## ୬. ଉତ୍ତର କୁହ ।


(କ) କୈଳାସ କେଉଁଠି ବସିଥିଲା ?

(ଖ) ସେ କ'ଣ ପଢୁଥିଲା ?

(ଗ) ଲୋକଟି କେଉଁଠି ଚେତା ହରାଇ ପଡ଼ିଥିଲା ?

(ଘ) ତାକୁ କିଏ ଟେକାଟେକି କରୁଥିଲେ ?

## ୭. ବିନ୍ଦୁ ଯୋଡ଼ ।




# ପାଠ-୯

କ୍ + ଓ = କୋ　　　　ଖ୍ + ଓ = ଖୋ

## 'ଓ' କାର - (ୋ)

ଗୋ ଘୋ ଚୋ ଛୋ ଜୋ ଝୋ ଟୋ ଠୋ ଡ଼ୋ ଢ଼ୋ ଣୋ ତୋ ଥୋ ଦୋ ଧୋ ନୋ
ପୋ ଫୋ ବୋ ଭୋ ମୋ ଯୋ ରୋ ଲୋ ଶୋ ଷୋ ସୋ ହୋ କ୍ଷୋ ୟୋ ଳୋ



ଟୋପି



ଗୋଲାପ

| | | | |
|---|---|---|---|
| ଚୋର | ଘୋଡ଼ା | ଗୋଦାମ | ସୋମବାର |
| ଜୋର | ପୋଡ଼ା | ବୋତାମ | ସହୋଦର |
| ଛୋଟ | ଦୋଳି | ଦୋକାନ | କାଠଯୋଡ଼ି |
| ଝୋଟ | କୋଳି | ପୋଟଳ | ଘୋଡ଼ାଗାଡ଼ି |
| ତୋଟା | ଝୋଳ | ଗୋବର | ପରିତୋଷ |
| ମୋଟା | କୋଳ | ଲୋଚନ | ଗାଈଗୋଠ |

ଆସିଛିରେ ଆସିଛି
ରଜବେଳ ଆସିଛି,
ରଜ ଦୋଳି ଖେଳିବା
ପୋଡ଼ ପିଠା ଖାଇବା ।





ତୋଟାମାଳେ ବୁଲିବା
କେତେ କୋଳି ତୋଳିବା,
କୋମଳ ମଧୁର ବଚନ ବୋଲି
କୋଟି ଜନମନ ତୋଷିବା ।

ଗୋପାଳ ଓ ସୋନାଲି ଭାଇଭଉଣୀ । ଗୋପାଳ ସବୁଦିନ ଖବର କାଗଜ ପଢ଼େ । ସୋନାଲି ମନଯୋଗ ଦେଇ ଶୁଣେ । ଗଲା ସୋମବାର ଦିନ ଗୋପାଳର ଅଜା ଓ ଆଈ ଆସିଥିଲେ । ସେମାନେ ନୂଆ ପୋଷାକ, ରସଗୋଲା ଓ ଛେନାପୋଡ଼ ବହୁତ ଆଣିଥିଲେ । ଭାଇଭଉଣୀ ଖୁସିରେ ତାକୁ ଖାଇଲେ ।



## ତୁମ ପାଇଁ କାମ

**୧. ବାକ୍ୟଗୁଡ଼ିକରେ ଥିବା 'ଓ' କାର ଲାଗିଥିବା ଶବ୍ଦଗୁଡ଼ିକୁ ଗୋଲ '○' ବୁଲାଅ ।**

(କ) କୋଦାଳରେ ମାଟି ହାଣ ।


(ଖ) କୋବି ଚାରା ଲଗାଅ ।

(ଗ) କୋଇଲି କୁହୁ କୁହୁ ଗାଏ ।

(ଘ) ବୋଉ ମୋତେ ଭାତ ଦିଏ ।

(ଙ) ଗୋଧିର ଗୋଡ଼ ଛୋଟ ଛୋଟ ।

**୨. ପ୍ରଜାପତିର ଡେଣା ଓ ଦେହରୁ ଅକ୍ଷର ନେଇ ଶବ୍ଦ ଗଢ଼ ।**




**୩. ଉତ୍ତର କୁହ ।**

(କ) ଗୋପାଳର ଭଉଣୀ ନାମ କ'ଣ ?

(ଖ) କେବେ ଗୋପାଳର ଅଜା ଓ ଆଈ ଆସିଥିଲେ ?

(ଗ) ସେମାନେ କ'ଣ ଆଣିଥିଲେ ?

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Rose | – .................. | Horse | – .................. |
| Monday | – .................. | Leg | – .................. |
| Thief | – .................. | Shop | – .................. |

## ୫. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୋମ | ଗୋଠ |
| ଘୋଡ଼ା | କଢ଼ି |
| ଗୋଲାପ | ଛତା |
| ଜୋତା | ଗାଡ଼ି |
| ଗାଈ | ବାର |

## ୬. ଗୀତଟିକୁ ପୂରା କର ।

ଆସିଛିରେ ଆସିଛି

________________ ଆସିଛି ।

________________ ଖେଳିବା

________________ ଖାଇବା ।

# ପାଠ-୧୦


କ୍ + ଔ = କୌ        ଖ୍ + ଔ = ଖୌ

## 'ଔ' କାର - (ୌ)

ଗୌ ଘୌ ଚୌ ଛୌ ଜୌ ଝୌ ଟୌ ଠୌ ଡ଼ୌ ଢ଼ୌ ଣୌ ତୌ ଥୌ ଦୌ ଧୌ ନୌ
ପୌ ଫୌ ବୌ ଭୌ ମୌ ଯୌ ରୌ ଲୌ ଶୌ ଷୌ ସୌ ହୌ କ୍ଷୌ ଯ୍ୟୌ ଲୌ



ନୌକା



ଚୌକି

| | | | |
|---|---|---|---|
| ଚୌକି | ଲୌହ | କୌତୁକ | ପୌରାଣିକ |
| ନୌକା | ଶୌଚ | ଯୌତୁକ | କୌତୁହଳ |
| ଗୌଡ଼ | ପୌର | ମୌଳିକ | ଚୌକିଦାର |
| ଗୌର | ସୌଧ | କୌଶଳ | ସୌଦାଗର |
| ଫୌଜ | ସୌର | ମୌସୁମୀ | ସୌଦାମିନୀ |
| ମୌଜ | ଦୌଡ଼ | କୌଣସି | ଗୌରହରି |
| ପୌଷ | ମୌକା | ଯୌବନ | ସୌର ଜଗତ |
| ମୌନ | ଗୌଣୀ | ସୌଖୀନ | ଲୌହମାନବ |

# ବାଲିଯାତରା

ବହୁଦିନ ତଳର କଥା । ସେତେବେଳେ ଓଡ଼ିଶାରେ ସାଧବମାନେ ଥିଲେ । ବଣିଜ ବେପାର ସାଧବର କୌଳିକ କାମ । ସେମାନେ ନୌକାରେ ଦୂର ରାଇଜରେ ବେପାର କରି ଧନଦୌଲତ ଧରି ଫେରୁଥିଲେ । ଗୌଣୀରେ ଧାନ ମପା ହେଉଥିଲା । ବଡ଼ବଡ଼ ସୌଧରେ ସେମାନେ ରହୁଥିଲେ । ଏହି ସୌଦାଗରମାନେ ଆମ ରାଇଜର ଗୌରବ ବଢ଼ାଇଥିଲେ ।



ଆଜିକାଲି ଆଉ ସେ ସୁଯୋଗ ନାହିଁ । ଆଗର କଥାକୁ ମନେପକାଇବା ପାଇଁ ଆମେ ଏବେ ବାଲିଯାତରା କରୁଛୁ । ଏହା ବାରବାଟୀ ଖେଳପଡିଆ ପାଖରେ ହୁଏ ।

## ତୁମ ପାଇଁ କାମ

୧. ତଳେ ଦିଆଯାଇଥିବା ଲେଖାଟିକୁ ପଢ଼ । ସେଥିରେ 'ଔ' କାର ଲାଗିଥିବା ଶବ୍ଦଗୁଡ଼ିକୁ ବାଛି ଲେଖ ।



କୌତୁକିଆ ଠେକୁଆ ଛୁଆ,
ଚୌକି ଉପରେ ହୋଇଛି ଠିଆ ।
ଗୌରୀ ଆଣିଲା ଦୁଧ ତାଟିଆ,
ଚୋପେ ପିଇଲାନି ମୌନ ଠେକୁଆ ।
ମୌକା ଦେଖି ଗୌରୀ ଗଲା,
କୌଶଳରେ ତାକୁ ଧରି ଆଣିଲା ।
ଦୌଡ଼ିପାରିଲାନି ଠେକୁଆ ପିଲା,
ଚୌକାଠିରେ ପଡ଼ି ଦୁଧ ପିଇଲା ।

୨. ବନ୍ଧନୀ ମଧ୍ୟରୁ ଅକ୍ଷର ନେଇ ଖାଲିଜାଗା ପୂରଣ କର ।

(ଚୌ, ନୌ, ଗୌ, ପୌ, ଯୌ, ଲୌ, ଶୌ)

| | |
|---|---|
| ________ ର | ________ ରହରି |
| ________ କି | ________ ହ |
| ________ ରୁଷ | ________ ଚ |
| ________ କା | ________ ତୁକ |

୩. ମଝି ଅକ୍ଷର ସହିତ ଗାର ଉପରେ ଅକ୍ଷରମାନଙ୍କୁ ଯୋଡ଼ି ଶବ୍ଦ ଗଢ଼ ।




୪. ଇଂରାଜୀରୁ ଓଡ଼ିଆ କର ।

| | | | | | |
|---|---|---|---|---|---|
| Boat | – | ................ | Iron | – | ................ |
| Chair | – | ................ | Run | – | ................ |
| Monsoon | – | ................ | Room | – | ................ |


୫. ଉତ୍ତର କୁହ ।

(କ) ସାଧବମାନେ କିପରି ବେପାର ବଣିଜ କରୁଥିଲେ ?

(ଖ) ସେମାନେ କେଉଁଥିରେ ଧାନ ମାପୁଥିଲେ ?

(ଗ) ସାଧବମାନେ କେଉଁଠି ରହୁଥିଲେ ?

(ଘ) କେଉଁମାନେ ଆମ ରାଇଜର ଗୌରବ ବଢ଼ାଇଥିଲେ ?




# ପାଠ-୧୧

କ୍ + ଂ = କଂ          ଖ୍ + ଂ = ଖଂ

## 'ଅନୁସ୍ୱାର' (ଂ)

କଂ ଖଂ ଗଂ ଘଂ ଚଂ ଛଂ ଜଂ ଝଂ ଟଂ ଠଂ ଡଂ ଢଂ ଣଂ ତଂ ଥଂ ଦଂ ଧଂ
ନଂ ପଂ ଫଂ ବଂ ଭଂ ମଂ ଯଂ ରଂ ଳଂ ଶଂ ଷଂ ସଂ ହଂ କ୍ଷଂ ୟଂ ଲଂ



ହଂସ



ସିଂହ

| | | | |
|---|---|---|---|
| କଂସା | ସଂସାର | ସଂଗୀତ | ସିଂହାସନ |
| ହିଂସା | ଅଂଶୁପା | ସଂଯୋଗ | ବଂଶୀଧର |
| ଅଂଶ | ସଂଳାପ | ଅହିଂସା | ଅଂଶଧନ |
| ବଂଶ | ମୀମାଂସା | କଂସାରୀ | ଅଂଶୁମାଳୀ |
| ବିଂଶ | ଅହିଂସା | ଦଂଶନ | ହିଂସାଭାବ |
| ମାଂସ | ସଂସଦ | କଂସେଇ | ମାଂସାହାରୀ |
| ବଂଶୀ | ଆଂଶିକ | ଅସଂଜତ | ଅଂଶୁମାନ |
| | ସଂଶୟ | ସଂହାର | |

# ବଂଶୀଧର



ଅସଂଯତ ହୋଇ ସିଂହ ଯାଉଥିଲା
ନାଗଟିଏ ଦେଲା ଦଂଶି,
ଦଂଶନ ସଂବାଦ ଶୁଣି ବଂଶୀଧର
ଆସି ବଜାଇଲା ବଂଶୀ ।
ବଂଶୀନାଦ ଶୁଣି ଅଂଶୁପାରୁ ନାଗ ଆସି,
ସିଂହ ଦେହୁ ବିଷତକ ନେଲା ଶୋଷି ।
ହିଂସା ଛାଡ଼ି ଅହିଂସା ବାଟରେ ଚଳିବାକୁ
ବଂଶୀଧର ନିଜେ ବୁଝାଇଲେ ଉଭୟଙ୍କୁ ।



# ଆମ ଜାତୀୟ ପଶୁ

ସିଂହ ଆମର ଜାତୀୟ ପଶୁ ଥିଲା । ସେ ବହୁତ ବଳଶାଳୀ ଅଟେ । ତେଣୁ ସିଂହକୁ ପଶୁରାଜ କୁହାଯାଏ । ସିଂହ ଏକ ମାଂସଭୋଜୀ ପଶୁ । ବଣ ଭିତରେ ସେ ରହେ । ଛୋଟ ଓ ବଡ଼ ପଶୁମାନଙ୍କୁ ସେ ମାରିବା ପରେ ଆଗେ ଅଧେ ସଜ ମାଂସ ଖାଇଦିଏ ଓ ବାକିତକ ଅଂଶ ପରେ ଖାଏ । ସେ ବାସି ମାଂସ ଖାଏନାହିଁ । ଆଗେ ଆମ ଦେଶରେ ବହୁତ ସିଂହ ଥିଲେ । ଏବେ ଆମ ଦେଶରୁ ସିଂହର ବଂଶ ଲୋପ ପାଇବାକୁ ବସିଲାଣି । ଏବେ ବାଘ ଆମର ଜାତୀୟ ପଶୁ ।

## ତୁମ ପାଇଁ କାମ

### ୧. ଅନୁସ୍ୱାର (ଂ) ଦେଇ ନୂଆ ଶବ୍ଦ ଗଢ଼ ।

ମାସ ବର ହସ କସା ବଶ କସ

### ୨. ସଜାଇ ଲେଖ ।

| | |
|---|---|
| ସାସଂର | ହାସିଂସନ |
| ପାଅଂଶୁ | ଶୁଅଂମାଳୀ |
| ହିଂଅସା | ନଶଅଂଧ |
| ଲାସଂପ | ଶୀବଂଧର |

### ୩. ଇଂରାଜୀରୁ ଓଡ଼ିଆ କର ।

Meat – ............... News – ...............
Non-violence– ............... Throne – ...............

### ୪. କବିତାଟି ପଢ଼ି ଖାଲି ଜାଗା ପୂରଣ କର ।

"_________ ନାଦ ଶୁଣି _________ ରୁ ନାଗ ଆସି,
_________ ଦେହୁ ବିଷ ତକ ନେଲା ଶୋଷି ।"

### ୫. ଉତ୍ତର କୁହ ।

(କ) କିଏ ଆମ ଜାତୀୟ ପଶୁ ଥିଲା ?
(ଖ) କ'ଣ ଶୁଣି ନାଗ ଆସିଲା ?
(ଗ) ବଂଶୀଧର ନାଗ ଓ ସିଂହକୁ କେଉଁ ବାଟରେ ଚଳିବାକୁ କହିଲା ?
(ଘ) ଏବେ ଆମର ଜାତୀୟ ପଶୁ କିଏ ?

# ପାଠ-୧୨

କ୍ + ଃ = କଃ　　　　ଖ୍ + ଃ = ଖଃ

## 'ବିସର୍ଗ' - (ଃ)

ଗଃ ଘଃ ଚଃ ଛଃ ଜଃ ଝଃ ଟଃ ଠଃ ଡଃ ଢଃ ଣଃ ତଃ ଥଃ ଦଃ ଧଃ ନଃ

ପଃ ଫଃ ବଃ ଭଃ ମଃ ଯଃ ରଃ ଳଃ ଶଃ ଷଃ ସଃ ହଃ କ୍ଷଃ ୟଃ ଲଃ



ଦୁଃଖୀ



ଦୁଃଶାସନ

| | | |
|---|---|---|
| ଆଃ ! | ଓଃ ! | ବାଃ ! |
| ଦୁଃଖି | ଦୁଃଶୀଳ | ଦୁଃସାହସ |
| ପୁନଃ | ଦୁଃସହ | ନିଃସହାୟ |
| ପୟଃ | ନିଃଶେଷ | ନିଃସରଣ |
| ତତଃ | ଦୁଃଖିତ | ନିଃସଂଶୟ |
| ଅତଃ | ଫଳତଃ | ଦୁଃସମୟ |
| କ୍ରମଶଃ | ଦୁଃଖିଧନ | ଦୁଃଖମୟ |

ସୁଖି ପରେ ଦୁଃଖି, ଦୁଃଖି ପରେ ସୁଖି, ଲାଗିଛି ସଦା ଏ ସଂସାରେ,
ଦୁଃସମୟେ କେବେ ଦୁଃଖିତ ନ ହୋଇ, ହସି ଅପରକୁ ହସାରେ ।
ନିଃସହାୟକୁ ଦଇବ ଭରସା । ନିଃସଂଶୟ ମନେ ରଖିଛି ସେ ଆଶା ।

# ପଡ଼ୋଶୀ ହେବ ତ ଏମିତି

ଦୁଃଶାସନ, ଦୁଃଶୀଳ ଦୁଇ ପଡ଼ୋଶୀ । ସୁଖ ଦୁଃଖରେ ଉଭୟେ ଉଭୟର ସାହା ଭରସା । ଦୁଃଶାସନ ଜଣେ ବେପାରୀ । ପୁନଃ ପୁନଃ ବଜାର ଦର ଖସିବାରୁ ତା'ର ଅଧଃପତନ ହେଲା । ଦୁଃଶୀଳ ଏହି ଦୁଃସମୟରେ ନିଃସହାୟ ଦୁଃଶାସନକୁ



ସହାୟତା ଯୋଗାଇଲା । ଫଳତଃ କିଛିଦିନ ପରେ ତା'ର ଦୁଃଖମୟ ଜୀବନ ନିଃଶେଷ ହେଲା । ସେ ଦୁଃଶୀଳକୁ ଏହି ସହାୟତା ପାଇଁ ବାଃ ବାଃ କରି କହିଲା, "ପଡ଼ୋଶୀ ହେବ ତ ଏମିତି !"

## ତୁମ ପାଇଁ କାମ

**୧.** ପାଠରୁ ବିସର୍ଗ (ଃ) ଲାଗିଥିବା ଶବ୍ଦଗୁଡ଼ିକୁ ଖୋଜି ଲେଖ ।




**୨.** ଗୋଲ ମଝିରୁ ଅକ୍ଷର ମିଶାଇ

ଶବ୍ଦଗୁଡ଼ିକୁ ଲେଖ ।

**୩.** ଇଂରାଜୀରୁ ଓଡ଼ିଆ କର ।

Sad – ................ Continue – ................

**୪.** ସଜାଡ଼ି ଲେଖ ।

| | | | |
|---|---|---|---|
| ସାଦୁଃହସ | ________ | ସନିଃହାୟ | ________ |
| ଖିଦୁଃମାୟ | ________ | ଦୁଃଳଶୀ | ________ |
| ତଦୁଃଖି | ________ | ଶେନିଃଷ | ________ |

**୫.** ଉତ୍ତର କୁହ ।

(କ) କିଏ କିଏ ଦୁଇ ପଡ଼ୋଶୀ ?

(ଖ) ଦୁଃଶାସନର ଅଧଃପତନ କାହିଁକି ହେଲା ?

(ଗ) ଦୁଃଶାସନ କାହାଭଳି ପଡ଼ୋଶୀ ହେବା କଥା କହିଲା ?

**୬.** ବିସର୍ଗ ଲାଗିଥିବା ଅଧିକ ଶବ୍ଦ ଖୋଜ ଓ ଲେଖ ।


# ପାଠ-୧୩


କ୍ + ଁ = କଁ          ଖ୍ + ଁ = ଖଁ

## 'ଚନ୍ଦ୍ରବିନ୍ଦୁ' - ( ଁ )

ଗଁ ଘଁ ଚଁ ଛଁ ଜଁ ଝଁ ଟଁ ଠଁ ଡଁ ଢଁ ଣଁ ତଁ ଥଁ ଦଁ ଧଁ ନଁ ପଁ ଫଁ

ବଁ ଭଁ ମଁ ଯଁ ରଁ ଳଁ ଶଁ ଷଁ ସଁ ହଁ କ୍ଷଁ ୟଁ ଲଁ






**ମଇଁଷି**

**କଇଁଛ**

| | | | |
|---|---|---|---|
| ଗାଆଁ | ମାଇଁ | ଅଇଁଠା | କଇଁକଇଁ |
| ନାଆଁ | ସାଇଁ | ଗଇଁଠା | ଧାଇଁଧାଇଁ |
| ନିଆଁ | ମୁହଁ | ବାଉଁଶ | ନିଆଁଝୁଲ |
| ଧୂଆଁ | ନାହିଁ | ପାଉଁଶ | କଇଁଫୁଲ |
| ଚିଆଁ | ମୁଆଁ | ଆଇଁଷ | କୁଆଁତାରା |
| ଡିଆଁ | ଦିଅଁ | ଡାଆଁଶ | ପେଏଁକାଳି |
| କଇଁ | ଝାଉଁ | ଚଉଁରୀ | ଆଉଁଷିବା |
| ଭୂଇଁ | ପାଇଁ | ଭଉଁରୀ | ଝାଉଁଳିବା |

କଅଁଳା ବାଛୁରୀ ବେକରେ ପଘା, ଅଁଳା ରଖିବ ଦେହର ନିଘା,
ଲବକୁଶ ଦୁହେଁ ଯାଆଁଳା ଭାଇ ସାନବଡ଼ ବାରି ହୁଅଇ ନାହିଁ।

# ଚେଁ ଚୁଁ ଚୁଁ କୁକୁଡ଼ା ଛୁଆ



ବିଲେଇ ନାନୀକି ବହୁତ ଜର

ଖୁଁ ଖୁଁ କାଶ ଧରିଛି,

ପାଖରେ ଛୁଆଟି ମୁହଁ ଶୁଖେଇ

ଆଉଁସା ଘଷା କରୁଛି ।

ବାଡ଼ିରେ ଦେଖିଲା କୁକୁଡ଼ା ଛୁଆ

ଚେଁ ଚୁଁ ଚୁଁ କରୁଛି,

ଧରୁ ନ ଧରୁ ଆପଣା ଛାଏଁ

ମାଆ ପାଖକୁ ଧାଉଁଛି ।

ମିଆଉଁ ମିଆଉଁ କରି ବିଲେଇ

ଚିଆଁ କାହିଁ ଗଲା ଖୋଜୁଛି,

ଚିଆଁଟି ମାଆର ପଛରେ ରହି


କଣେଇ କଣେଇ ଚାହୁଁଛି ।

## ତୁମ ପାଇଁ କାମ


**୧. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଠିକ୍ ଶବ୍ଦକୁ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପିଲାଟି ଆସୁଛି ______ | ଟାଇଁ ଟାଇଁ |
| ପବନ ବହୁଛି ______ | ଧାଇଁ ଧାଇଁ |
| ଖରା ମାରୁଛି ______ | ସାଇଁ ସାଇଁ |
| ଝିଅଟି କାନ୍ଦୁଛି ______ | କଇଁ କଇଁ |


**୨. ଛବି ସହ ଶବ୍ଦକୁ ଯୋଡ଼ ।**



ପେଁକାଳି




କଳା ମଇଁଷି



କଇଁ ଫୁଲ



ବାଉଁଶ ବଣ



ଅଁଳା କୋଳି

## ୩. ଇଂରାଜୀରୁ ଓଡ଼ିଆ କର ।

Village – ................ Bamboo – ................

Fire – ................ Water Lily – ................

## ୪. ସଜାଡ଼ି ଲେଖ ।

ଉଁବାଶ________ ଇଁକଫୁଲ________

ଉଁପାଶ________ ଇଁକଇଁକ________

## ୫. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଠିକ୍ ଶବ୍ଦକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କୁକୁଡ଼ା | ଗଦା |
| ନଡ଼ିଆ | ଧୂଆଁ |
| ପାଉଁଶ | ଭାଇ |
| ଯାଆଁଳ | ଚଅଁର |
| ନିଆଁ | ଚିଆଁ |

## ୬. ଉତ୍ତର କୁହ ।

(କ) ବିଲେଇ ଛୁଆ କ'ଣ କରୁଥିଲା ?

(ଖ) କିଏ ଚେଁ ଚୁଁ ଚୁଁ କରୁଛି ?

(ଗ) ବିଲେଇ କିପରି ବୋବାଏ ?


# ପାଠ-୧୪

କ + ୍ = କ୍ ଖ + ୍ = ଖ୍

'ହଳନ୍ତ' - ( ୍ )

ଗ୍ ଘ୍ ଚ୍ ଛ୍ ଜ୍ ଝ୍ ଟ୍ ଠ୍ ଡ୍ ଢ୍ ଣ୍ ତ୍ ଥ୍ ଦ୍ ଧ୍ ନ୍

ପ୍ ଫ୍ ବ୍ ଭ୍ ମ୍ ଯ୍ ର୍ ଳ୍ ଶ୍ ଷ୍ ସ୍ ହ୍ କ୍ଷ୍ ୟ୍ ଲ୍



ପେନ୍‌ସିଲ୍



ଫୁଟ୍‌ବଲ୍

| | | | |
|---|---|---|---|
| ସତ୍ | ବେଲୁନ୍ | ପେନ୍ ସିଲ୍ | ଛୁକ୍‌ଛୁକ୍ |
| ଚିତ୍ | ଦୈବାତ୍ | ସାଇକେଲ୍ | ଠୋକ୍‌ଠୋକ୍ |
| ବୋଟ୍ | ଈଷତ୍ | ଚକୋଲେଟ୍ | ଫୁସ୍‌ଫୁସ୍ |
| କୋଟ୍ | ଅସତ୍ | ହକ୍‌ଦାର୍ | ଭୁସ୍‌ଭୁସ୍ |
| ନୋଟ୍ | ରକେଟ୍ | ଟେଲିଫୋନ୍ | ଗମ୍‌ଗମ୍ |
| ଧିକ୍ | ଟିକଟ୍ | ଆଳୁଦମ୍ | ଧକ୍ ଧକ୍ |
| ଭୁଲ୍ | ହଠାତ୍ | ହୁଇସିଲ୍ | ଠକ୍ ଠକ୍ |
| ଠିକ୍ | ପକେଟ୍ | ଟେଲିଭିଜନ୍ | ଧପ୍ ଧପ୍ |

# ଠୋ

ଥରେ ଦୀପକ୍ ବଜାର ବୁଲିବାକୁ ଠିକ୍ କଲା । ସାନ ପିଲା ବୋଲି ବାପା ରୋକ୍‌ଠୋକ୍ ମନା କରିଦେଲେ । ଦୀପକ୍‌ର ଜିଦ୍ ଦେଖି ମାଆ, ବାପା ରଖିଥିବା କୋଟ୍ ପକେଟ୍‌ରୁ ନୋଟ୍‌ଟିଏ ଆଣିଦେଲେ । ଦୀପକ୍ ସାଇକେଲ୍ ଧରି ବଜାରକୁ ଗଲା । ସେଠାରେ ଆଳୁଦମ୍ ଖାଇଲା । ମାଆ ପାଇଁ ଲକେଟ୍‌ଟିଏ କିଣିଲା । ନିଜ ପାଇଁ ଫୁଟ୍‌ବଲ୍ ଭଳି ଗୋଟିଏ ବେଲୁନ୍ କିଣିଲା । ସାଇକେଲ୍‌ରେ ଗୁଡ଼ାଇ ଘରକୁ



ଫେରୁଥାଏ । ଯୋର୍‌ରେ ପବନ ବହିବାରୁ ବେଲୁନ୍‌ର ସୂତା ଛିଡ଼ିଗଲା । ବେଲୁନ୍‌ଟି ରକେଟ୍ ଭଳି ଉପରକୁ ଉଡ଼ିଗଲା । ଗୋଟିଏ ଗଛରେ ବାଜି ଠୋ କରି ଫାଟିଗଲା । ଦୀପକ୍ ଆଖିରୁ ଥପ୍ ଥପ୍ ଲୁହ ବୋହିଲା । ସାବଧାନ ନ ହେବାରୁ ଏପରି ହେଲା ଭାବି ଚୁପ୍‌ଚାପ୍ ଘରକୁ ଫେରିଲା ।

## ତୁମ ପାଇଁ କାମ


**୧. ଠିକ୍ ଅକ୍ଷର ତଳେ ହଳନ୍ତ ଚିହ୍ନ '୍' ଦିଅ ।**

"ବିଜୁଳି କରୁଛି ଚକଚକ
ମେଘ ବରଷୁଛି ଟପ ଟପ
ବେଙ୍ଗୁଲି ଡେଉଁଛି ଖପ ଖପ
ଅଜା ଆଇ ପାଖାପାଖି ବସି
କଥା ହେଉଥିଲେ ଚୁପ ଚାପ ।"

**୨. ଇଂରାଜୀରୁ ଓଡ଼ିଆ କର ।**

| | | | | | |
|---|---|---|---|---|---|
| Coat | – | .................. | Pencil | – | .................. |
| Balloon | – | .................. | By cycle | – | .................. |
| Rocket | – | .................. | Telephone | – | .................. |
| Pocket | – | .................. | Television | – | .................. |

**୩. ଛବି ଦେଖି ଖାଲି ଜାଗା ପୂରଣ କର ।**




__________ __________ __________ __________

# ପାଠ-୧୫

## 'ୱ' ଅକ୍ଷର ଶିକ୍ଷା





**ତାୱା**


**ୱିକେଟ୍**

ହାୱା ୱାଗନ

ଟାୱାର ୱାସିମ୍

ୱାଗନ୍‌ରେ ମାଲ୍ ନିଆଯାଏ । ତାୱାରେ ଚକୁଳି ପିଠା ତିଆରି କରାଯାଏ । ପିଲାଟି ଟାୱାର ତଳେ ଠିଆ ହୋଇଛି । ୱାସିମ୍ ମିଠା ଖାଇବାକୁ ଭଲପାଏ ।





## ତୁମ ପାଇଁ କାମ

୧. ଇଂରାଜୀରୁ ଓଡ଼ିଆ କର ।

Wicket – ................ Tower – ................

Fry pan – ................ Wagon – ................

୨. ଖାଲି ଜାଗା ପୂରଣ କର ।

_______ କେଟ୍

_______ ଗନ୍

ଟା _______ ର୍

_______ ସିମ୍

ତା _______

ହା _______

୩. (କ) କେଉଁଥିରେ ମାଲ୍ ବୁହାଯାଏ ?

(ଖ) କାହିଁରେ ଚକୁଳି ପିଠା ତିଆରି ହୁଏ ?

(ଗ) ପିଲାଟି କେଉଁଠି ଠିଆ ହୋଇଛି ?

(ଘ) କିଏ ମିଠା ଖାଇବାକୁ ଭଲପାଏ ?

# ଏ ଯାଏ ଆମେ କ'ଣ ଶିଖିଲେ

| | | |
|---|---|---|
| ଆ-କାର | ା | କ୍ + ଆ = କା |
| ଇ-କାର | ି | କ୍ + ଇ = କି |
| ଈ-କାର | ୀ | କ୍ + ଈ = କୀ |
| ଉ-କାର | ୁ | କ୍ + ଉ = କୁ |
| ଊ-କାର | ୂ | କ୍ + ଊ = କୂ |
| ଋ-କାର | ୃ | କ୍ + ଋ = କୃ |
| ଏ-କାର | େ | କ୍ + ଏ = କେ |
| ଐ-କାର | ୈ | କ୍ + ଐ = କୈ |
| ଓ-କାର | ୋ | କ୍ + ଓ = କୋ |
| ଔ-କାର | ୌ | କ୍ + ଔ = କୌ |
| ଂ - ଯୋଗ | ଂ | କ + ଂ = କଂ |
| ଃ - ଯୋଗ | ଃ | କ + ଃ = କଃ |
| ଁ - ଯୋଗ | ଁ | କ + ଁ = କଁ |
| ୍ - ଯୋଗ | ୍ | କ + ୍ = କ୍ |



## ପାଠ-୧୬

# ଆସ ଗାଇବା ଗୀତ

ସୁରୁଜ ଉଠେ
ପଦୁଅଁ ଫୁଟେ ।

ମାଳତୀ ଫୁଟେ
ବାସ ଚହଟେ ।
ବାଘ ନ ଦେଖିଲେ
ବିଲେଇ ଦେଖ
ନିଜ ମନଟିକୁ ନିଜେ ପରଖ ।
କଲିକତରା
ଘର, ଦୁଆରକୁ ରଖ ସୁତୁରା ।
କଅଁଳ କହି,
ପର ମନ ନିଅ ଦୁଃଖ ନଦେଇ ।
ବଡ଼ଭାଇ ମୋର
ଭାରି ସୁଧାର,
ଭଉଣୀମାନଙ୍କୁ କରେ ଆଦର ।
ମିଛ ମାୟା ଏହି ସଂସାର ।
ହରିନାମ ଛଡା ସବୁ ଅସାର ॥
ନୌକା ଚାଲୁଛି ନଦୀ ନୀରେ
ବଂଶୀ ବାଜୁଛି ନଦୀ ତୀରେ ।

ବିଲୁଆ ନନା
ଘର ପୋଡ଼ିଗଲା
ପଛକୁ ଅନା ।
ଅଜା କହେ ନାତି
ଆ'ରେ ଚାଲି,
ବୁଲିଯିବା ଆମେ
ଶରଧା ବାଲି ।

କାଳିଆ ଆଗରେ
କହିବୁ ଯାଇ,
ଭଲ ପାଠ ତତେ
ଦେବେ ବଢେଇ ।

ଘରକୁ ଆସିଲେ ପଢ଼ିବୁ ପାଠ,
ତେବେ ହେବୁ ଯାଇ
ଛାମୁଆଁ ଚାଟ ।

ଖରାପ କଥା କହିବା ନାହିଁ
ଖରାପ କଥା ଶୁଣିବା ନାହିଁ
ଖରାପ କଥା ଦେଖିବା ନାହିଁ
ଜାତିର ପିତା ଅଛନ୍ତି କହି ।

# ପାଠ-୧୭


କ୍ + ଯ = କ୍ୟ

## 'ଯ' - ଫଳା

ଖ୍ + ଯ = ଖ୍ୟ



ବାଦ୍ୟ



ବୈଦ୍ୟ

| | | | |
|---|---|---|---|
| ଗଦ୍ୟ | ନିତ୍ୟ | ସାହାଯ୍ୟ | ବିଦ୍ୟାଳୟ |
| ପଦ୍ୟ | ଭୃତ୍ୟ | ଅଭ୍ୟାସ | ଅମାବାସ୍ୟା |
| ହାସ୍ୟ | ମୁଖ୍ୟ | ଜ୍ୟାମିତି | ଆବଶ୍ୟକ |
| ଖାଦ୍ୟ | ସଭ୍ୟ | ଅରଣ୍ୟ | ଧନ୍ୟବାଦ |
| ରାଜ୍ୟ | ମୃତ୍ୟୁ | ବ୍ୟାୟାମ | ବ୍ୟାକରଣ |

ଅରଣ୍ୟରେ ପଶୁପକ୍ଷୀମାନେ ରହନ୍ତି । ପଶୁମାନଙ୍କ ଭିତରେ ବାଘ ମୁଖ୍ୟ ଅଟେ । ଅରଣ୍ୟରେ ମୁନିଋଷିମାନେ ତପସ୍ୟା କରୁଥିଲେ । ସେତେବେଳେ ବିଦ୍ୟାଳୟ ନଥିଲା । ଶିଷ୍ୟମାନେ ସେମାନଙ୍କ ନିକଟରେ ରହି ବିଦ୍ୟା ଶିକ୍ଷା କରୁଥିଲେ । ଆବଶ୍ୟକ ସମୟରେ ସେମାନେ ଗୁରୁଙ୍କ ଶସ୍ୟ ଅମଳ କାମ କରୁଥିଲେ । ଏସବୁ କାମ ପାଇଁ ସେମାନେ ଆଳସ୍ୟ କରୁନଥିଲେ । ଭଲ ଶିଷ୍ୟ ହେବା ଲକ୍ଷ୍ୟ ରଖି ସଭିଏଁ ଉଦ୍ୟମ କରୁଥିଲେ ।

ଗୁରୁ କହୁଥିଲେ - ବିଦ୍ୟା ଅଟଇ ମହାଧନ । ଆଳସ୍ୟ ଦୁଃଖର କାରଣ । ମିଥ୍ୟା ପାପ ବୋଲି ଜାଣି, କହିବ ସଦା ସତ୍ୟ ବାଣୀ ।

## ତୁମ ପାଇଁ କାମ

### ୧. 'କ' ଠାରୁ 'ଲ' ପର୍ଯ୍ୟନ୍ତ 'ୟ' ଫଳା ଲଗାଇ ଲେଖ।

### ୨. ସଜାଡ଼ି ଲେଖ।

ଭ୍ୟାଅସ, ହ୍ୱାସାୟ୍ୟ, ମିଜ୍ୟାତି, ମଶ୍ୟାଳ, ବବ୍ୟସାୟ୍ୱ, ବଆଶ୍ୟକ, ଦବାଧନ୍ୟ, କବ୍ୟାରଣ

### ୩. ଶୂନ୍ୟ ଜାଗାରେ ଲେଖ।

| | | |
|---|---|---|
| ଆବ ____ କ | ____ କରଣ | ଧ____ବାଦ |
| ବି____ଳୟ୍ୱ | ବି___ତ୍ | ଅ____ବା____ |

### ୪. ଇଂରାଜୀରୁ ଓଡ଼ିଆ କର।

| | | | | | |
|---|---|---|---|---|---|
| Help | ______ | Forest | ______ | School | ______ |
| Habit | ______ | Exercise | ______ | Thank you | ______ |
| Geometry | ______ | Electric | ______ | Grammar | ______ |

### ୫. ଉତ୍ତର ଲେଖ।

(କ) ପଶୁପକ୍ଷୀମାନେ କେଉଁଠି ରହନ୍ତି ?

(ଖ) ମୁନିଋଷିମାନେ ଅରଣ୍ୟରେ କ'ଣ କରୁଥିଲେ ?


(ଗ) କେଉଁ ଲକ୍ଷ୍ୟ ରଖି ଶିଷ୍ୟମାନେ କାମ କରୁଥିଲେ ?

# ପାଠ-୧୮


କ୍ + ର = କ୍ର

## 'ର' ( ୍ର ) - ଫଳା

ଖ୍ + ର = ଖ୍ର



ପତ୍ର



ପ୍ରଜାପତି


| | | | |
|---|---|---|---|
| ଶ୍ରମ | ଚକ୍ର | ପ୍ରଭାତ | ପରିଶ୍ରମୀ |
| ଭ୍ରମ | ବକ୍ର | ଭ୍ରମଣ | ଖରସ୍ରୋତା |
| କ୍ରମ | ଶୀଘ୍ର | ସମ୍ରାଟ | ଶ୍ରମହୀନ |
| ଚିତ୍ର | କ୍ରୀଡ଼ା | ଶ୍ରାବଣ | ଶୁକ୍ରବାର |
| ମିତ୍ର | ନକ୍ଷତ୍ର | ପ୍ରଦୋଷ | ପ୍ରତିଦିନ |
| ଭଦ୍ର | ସମୁଦ୍ର | ପ୍ରହର | ପ୍ରତିଶ୍ରୁତି |

"ପ୍ରଭାତ ଭ୍ରମଣ ଦେହକୁ ହିତ
ଅନିଦ୍ରା କଷଣ ଦିଏ,
ପରିଶ୍ରମୀ ଲୋକ ନିରୋଗ ହୁଅଇ
ଶ୍ରମହୀନ ଦୁଃଖ ପାଏ।"



# ବଣଭୋଜି

ଥରେ ମିତ୍ରପୁର ଗ୍ରାମର ପିଲାମାନେ ଚିଲିକା ହ୍ରଦଭ୍ରମଣ କରିବାକୁ ଯାଇଥିଲେ । ଚିଲିକା ପାଖ ବରକୂଳଠାରେ ବଣଭୋଜି ହେଲା । ପ୍ରକାଶ ଓ ପ୍ରବିର ଦୁଇ ଭ୍ରାତା । ସେମାନେ ବି ସେମାନଙ୍କ ମେଳରେ ଯାଇଥିଲେ । ଚିଲିକାରେ ସେମାନେ ଏକ ବୋଇତରେ ବସି ଜଳକ୍ରୀଡ଼ା କଲେ । ଚିଲିକାର ଶୋଭା ଦେଖି ସେମାନେ ଭାରି ଖୁସି ହେଲେ । କବିବର ରାଧାନାଥଙ୍କ ଚିଲିକାର ଶୋଭା ଗୀତଟି ମନେପକାଇ ତାଙ୍କୁ ଭାରି ପ୍ରଶଂସା କଲେ । ପ୍ରକାଶ ପଚାରିଲା ଭାଇ, "ଚିଲିକାର



ପାଣି କାହିଁକି ଲୁଣିଆ ଲାଗେ ?" ପ୍ରବିର କହିଲା, "ଚିଲିକା ହ୍ରଦ ଓ ସମୁଦ୍ର ମିଶିଥିବାରୁ ଚିଲିକାର ପାଣି ଲୁଣିଆ । ସେମାନେ ବୋଇତରେ ଯାଇ ଚିଲିକାର କାଳିଜାଇ ଠାକୁରାଣୀ ଦେଖିଲେ । ସେଠାରୁ ଫେରି ଟିକିଏ ବିଶ୍ରାମ ନେଲେ । ତା'ପରେ ବଣଭୋଜି ଖାଇସାରି ଶୀଘ୍ର ଘରକୁ ଫେରିଆସିଲେ ।"

## ତୁମ ପାଇଁ କାମ

### ୧. 'ର' ଫଳା ( ୍ର ) ଲଗାଇ ନୂଆ ଶବ୍ଦ ଗଢ଼ ।

ନିଦା ______ ଚିତ ______

ମିତ ______ ଚକ ______

ଭମ ______ ରାତି ______

ଛାତ ______ ଶୁକ ______

### ୨. ସଜାଡ଼ି ଲେଖ ।

ପ୍ରପଜାତି ______ ବଶ୍ରାଣ ______

ଶୁରବାକ୍ର ______ ଦିତିପ୍ରନ ______

### ୩. ଇଂରାଜୀରୁ ଓଡ଼ିଆ କର ।

Friend ______ Picture ______ Night ______

Morning ______ Friday ______ Sea ______

### ୪. କୁହ ଓ ଲେଖ ।

(କ) ପିଲାମାନେ କେଉଁଆଡ଼େ ଯାଇଥିଲେ ?

(ଖ) ସେମାନଙ୍କ ସହିତ ଦୁଇଭାଇଙ୍କ ନାମ କ'ଣ ?

(ଗ) ଚିଲିକାରେ ସେମାନେ କ'ଣ କଲେ ?

(ଘ) ଚିଲିକାର ପାଣି ଲୁଣିଆ କାହିଁକି ?

# ପାଠ-୧୯

କ୍ + ଲ = କ୍ଲ 　　 ଖ୍ + ଲ = ଖ୍ଲ

## 'ଲ' ଫଳା



# ବିପ୍ଳବ



# ଶ୍ଳୋକ

| | | | |
|---|---|---|---|
| ଶ୍ଳୋକ | ଶ୍ଳେଷ | ବିଶ୍ଳେଷଣ | ଶୁକ୍ଳପକ୍ଷ |
| ଗ୍ଲାନି | କ୍ଳେଶ | ଅକ୍ଳେଶ | ଅମ୍ଳଦୋଷ |
| ମ୍ଳାନ | ଅଶ୍ଳେଷ | ଅମ୍ଳଜାନ | ଶ୍ଳୋକପାଠ |
| ଅମ୍ଳ | ବିପ୍ଳବ | ଅଙ୍ଗାରକାମ୍ଳ | |

ମନରୁ ଗ୍ଲାନି ଦୂର କର । କାହାରିକୁ କ୍ଳେଶ ଦିଅନାହିଁ । ମ୍ଳେଛ ସଂହାର କର । ଅକ୍ଳେଶରେ ବିଦ୍ୟା ସାଧନ କର । ସୁବାସ ବୋଷ ଓଡ଼ିଶାର ଜଣେ ବିପ୍ଳବୀ ନେତା ଥିଲେ । ଶୁକ୍ଳପକ୍ଷରେ ଗଗନ ଆଲୋକିତ ହୁଏ । ପୂଜକ ଶ୍ଳୋକ ପଢ଼ନ୍ତି । ପ୍ରତ୍ୟେକ କଥା ବିଶ୍ଳେଷଣ କର ।



**ବିପ୍ଳବୀ ବିପ୍ଳବ ସଦା କରଇ**
**ଦୁଃଖ, କ୍ଳେଶ ତା'ର ଜାତକେ ନାହିଁ ।**

## ତୁମ ପାଇଁ କାମ

୧. 'ଳ' ଫଳା ଲାଗିଥିବା ପାଞ୍ଚଟି ଶବ୍ଦ ଲେଖ।

___________________________________________

୨. ଉତ୍ତର ଦିଅ-

(କ) ଓଡ଼ିଶାର ବିପ୍ଳବୀ କିଏ ?

(ଖ) କିଏ ଶ୍ଳୋକ ପଢ଼ନ୍ତି ?

(ଗ) କ'ଣ ନକଲେ କାର୍ଯ୍ୟ ସାଧନ ହୁଏ ନାହିଁ ?

୩. ଶୂନ୍ୟସ୍ଥାନ ପୂରଣ କର

ଅ____ନ୍ତ, ଅଙ୍ଗାର____, ____ବନ, ଶୁ____ପକ୍ଷ, ____ନ।

୪. ସଜାଡ଼ି ଲେଖ।

ଜାମ୍ଳନଅ, ଣଶ୍ଳେଷବି, କ୍ଳାନ୍ତଅ, କ୍ଳେଶଅ, ବିବପ୍ଳ, କ୍ଷଶୁକ୍ଳପ

୫. ଶବ୍ଦକୁ ସଜାଡ଼ି ବାକ୍ୟ ଗଠନ କର।

(କ) ଦୂର କର ଗ୍ଳାନି ମନରୁ।

(ଖ) ସାଧନ କର ଅକ୍ଳେଶରେ ବିଦ୍ୟା।

(ଗ) ବିଶ୍ଳେଷଣ କଥାକୁ କର ପ୍ରତ୍ୟେକ।


୬. ପଦଟିକୁ ପୂରା କର

ବିପ୍ଳବୀ ବିପ୍ଳବ ସଦା କରଇ, ....................................।


# ପାଠ-୨୦

କ୍ + ଲ = କ୍ଲ  ଖ୍ + ଲ = ଖ୍ଲ

## 'ଲ' - ଫଳା



ଗ୍ଲାସ



ଭଲ୍ଲୁକ

| | | | |
|---|---|---|---|
| ମଲ୍ଲୀ | ଗ୍ଲାସ | କଲ୍ଲୋଳ | କାଚଗ୍ଲାସ |
| ପଲ୍ଲୀ | କ୍ଲାସ | ଓଲ୍ଲୁକ | ମଲ୍ଲୀଫୁଲ |
| ଆଲ୍ଲା | ଚହ୍ଲା | ଭଲ୍ଲୁକ | ମଲ୍ଲବୀର |
| ଦିଲ୍ଲୀ | ସ୍ଲେଟ୍ | ଉଲ୍ଲାସ | ଉଲ୍ଲସିତ |

ଦିଲ୍ଲୀ ଭାରତର ରାଜଧାନୀ । ମଲ୍ଲୀଫୁଲର ବାସନା ବଡ଼ ମହକ । ଭଲ୍ଲୁକର ନିଆଁକୁ ଭାରି ଡର । ମଲ୍ଲବୀର ମଲ୍ଲୀଫୁଲ ହାତରେ ଧରିଛି ।



ଶୀତ ଶେଷରେ ମଲ୍ଲୀ ଫୁଟଇ
ଜଗତରେ ବାସ ଚହଟୁଥାଇ ।
ଫୁଲ ଭିତରେ ମଲ୍ଲୀ
ନଗର ଭିତରେ ଦିଲ୍ଲୀ ।



## ତୁମ ପାଇଁ କାମ

**୧. କେତୋଟି 'ଲ' ଫଳା ଶବ୍ଦକୁ ଚିହ୍ନାଅ ।**

ଉଲ୍ଲୁକ, ଶୁକ୍ଳ, ମଲ୍ଲୀ, ଅମ୍ଳ, ଉଲ୍ଲାସ, ତପସ୍ୟା, ଶ୍ରାବଣ, ବଲ୍ଲଭ

**୨. (କ) କିଏ ଭାରତର ରାଜଧାନୀ ?**

(ଖ) ମଲ୍ଲବୀର କେଉଁ ଫୁଲ ହାତରେ ଧରିଛି ?

(ଗ) ଶୀତରେ କେଉଁ ଫୁଲ ଫୁଟେ ?

**୩. ଖାଲି ଜାଗା ପୂରଣ କର ।**

ମଲ୍ଲବୀର ________ ହାତରେ ଧରିଛି ।

________ ର ନିଆଁକୁ ଭାରି ଡର ।

________ ଶେଷରେ ମଲ୍ଲୀ ଫୁଟଇ ।

**୪. ଇଂରାଜୀ ଶବ୍ଦକୁ ଓଡ଼ିଆରେ ଲେଖ ।**

Bear ________________

Glass ________________

Owl ________________

Village ________________


# ପାଠ-୨୧

କ୍ + ବ = କ୍ୱ    ଖ୍ + ବ = ଖ୍ୱ

## 'ବ' - ଫଳା



ଶ୍ୱାନ



ଅଶ୍ୱ

| | | |
|---|---|---|
| ଜ୍ୱର | ସ୍ୱାଧୀନ | ବାଲେଶ୍ୱର |
| ବିଶ୍ୱ | ବିଦ୍ୱାନ | ଉଶ୍ୱାସ |
| ସ୍ୱର | ନିଃଶ୍ୱାସ | ଅନ୍ୱେଷଣ |
| ଦାୟିତ୍ୱ | ପ୍ରଶ୍ୱାସ | ପକ୍ୱଫଳ |

ଓଡ଼ିଶାର ବାଲେଶ୍ୱରଠାରେ ବିଶ୍ୱଜିତ୍ ରହେ । ସେ ଜଣେ ବିଦ୍ୱାନ ଛାତ୍ର । ତା'ର ଅଜା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଦେଶ ସ୍ୱାଧୀନତା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ବିଶ୍ୱଜିତ୍ ଜଣେ ଶ୍ୱାସରୋଗୀ । ତା'ର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବହୁତ ଅସୁବିଧା ହୁଏ । ତେଣୁ ସେ ସବୁବେଳେ ଜ୍ୱରରେ ପୀଡ଼ିତ ହୁଏ । ତାକୁ ପକ୍ୱଫଳ ଖାଇବାକୁ ମନା କରାଯାଏ । ବ୍ୟାୟାମ ଦ୍ୱାରା ତା'ର ଶ୍ୱାସରୋଗ ଭଲ ହୋଇଗଲା । ଏ କଥା କେହି ବିଶ୍ୱାସ କରିପାରିଲେ ନାହିଁ ।

## ତୁମ ପାଇଁ କାମ

୧. '୍ୱ' ଫଳା ଲାଗିଥିବା ଅକ୍ଷରକୁ ଗୋଲ୍ ବୁଲାଅ ।

ପ୍ରଶ୍ୱାସ, ବାଲେଶ୍ୱର, ଅନ୍ୱେଷଣ, ଦାୟିତ୍ୱ, ସ୍ୱଭାବ

୨. ଖାଲି ଜାଗା ପୂରଣ କର ।

_______ଧୀନ ବି_______ନ ବା_______ଶ୍ୱର

ନିଃ_______ସ ପ୍ର_______ସ ପ_______ଫଳ

୩. ଇଂରାଜୀରୁ ଓଡ଼ିଆ କର ।

Ripe fruit _______________ World _______________
Inhale _______________ Horse _______________
Fever _______________ Voice _______________

୪. ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକରେ '୍ୱ' ଫଳା ଲଗାଇ ଲେଖ ଓ ପଢ଼ ।

କ, ଜ, ଟ, ତ, ଦ, ଧ, ନ, ପ, ସ, ଶ, ଷ, ହ

୫. ବାକ୍ୟଗୁଡ଼ିକୁ ପୂରା କର ।

(କ) ବିଶ୍ୱଜିତ୍ ଜଣେ_______________ ।

(ଖ) ଏକଥା କେହି _______________ କରିପାରିଲେ ନାହିଁ ।

(ଗ) ତା'ର _______________ ନେବାରେ ଅସୁବିଧା ହୁଏ ।

୬. ଲେଖ--

(କ) ଦେଶ ସ୍ୱାଧୀନତା ପାଇଁ କିଏ ନିଜ ଜୀବନକୁ ବଳିଦାନ କରିଥିଲେ ?

(ଖ) ବିଶ୍ୱଜିତ୍ କେଉଁଠାରେ ରହେ ?

(ଗ) କ'ଣ କରିବା ଦ୍ୱାରା ତା'ର ଶ୍ୱାସରୋଗ ଭଲ ହୋଇଗଲା ?

୭. ପଢ଼ ଓ ମନେରଖ ।

ଦେଇଥିଲେ ସିଏ ଅହିଂସା ଧ୍ୱନି,

ବିଶ୍ୱ ଚମକିଲା ତାହାକୁ ଘେନି,

ସ୍ୱାଗତ କରିଲେ ପ୍ରଜା,

ଆଶା ବିଶ୍ୱାସକୁ ଆହ୍ୱାନ ଜଣାଇ,

ଉଡ଼େ ସ୍ୱାଧୀନତା ଧ୍ୱଜା ।

ସେଇ ଯେ ଜାତିର ଜନକ,

ଭାରତ ଦେଶର ରାଜା ।




# ପାଠ-୨୨

କ୍ + ନ = କ୍ନ

## 'ନ' - ଫଳା

ଖ୍ + ନ = ଖ୍ନ



ଜହ୍ନି



ଅଗ୍ନି

| | | |
|---|---|---|
| ଅନ୍ନ | ମଧ୍ୟାହ୍ନ | ବିଘ୍ନରାଜ |
| ଚିହ୍ନ | ପ୍ରସନ୍ନ | ରତ୍ନାକର |
| କାହ୍ନୁ | ଜାହ୍ନବୀ | ଜହ୍ନମାମୁଁ |
| ପତ୍ନୀ | ସଂଲଗ୍ନ | ରତ୍ନଗିରି |
| ରତ୍ନ | ଜଗନ୍ନାଥ | ଭିନ୍ନଭିନ୍ନ |

ଜହ୍ନରାତି । ରତ୍ନାକର ବାବୁଙ୍କ ଭଗ୍ନ କୋଠା । ବିଲେଇ ନାନୀ ଗାତ ପାଖରେ ମୂଷାକୁ ଛକି ବସିଥାଏ । ଗାତ ଭିତରେ ମୂଷା ଥିବା କଥା ସେ ତନ୍ନତନ୍ନ କରି ଦେଖିଛି ।

ଭଗ୍ନକୋଠାର ସ୍ନାନାଗାରରେ ବିଲୁଆ ନନା ଛପି ବସିଥିଲା । ନିରୋଳା ଦେଖି ବିଲେଇ ନାନୀ ପାଖକୁ ଆସିଲା । କିଛି ସମୟ ପରେ ସେମାନେ ଚିହ୍ନାଚିହ୍ନି

ହୋଇ ଦୁଃଖସୁଖୀ ହେଲେ । ସେମାନେ ବିଭିନ୍ନ ବିଘ୍ନରୁ ରକ୍ଷା ପାଇବା ପାଇଁ ଭିନ୍ନ ଭିନ୍ନ ଉପାୟ କଥା ଆଲୋଚନା କଲେ । ବିଲେଇ କେବଳ ଗୋଟିଏ ଉପାୟ ଜାଣିଥିଲା । ହଠାତ୍ କୋଠା ସଂଲଗ୍ନ ପଡ଼ିଆ ପଟୁ ଦଳେ କୁକୁର ଦୌଡ଼ି ଆସିଲେ । ବିଲୁଆ ତା'ର ଭିନ୍ନ ଭିନ୍ନ ଉପାୟ କଥା ଭାବୁଭାବୁ ଶିକାରୀ ଦଳ ତାକୁ ମାଡ଼ିବସିଲେ । ବିଲେଇ ଜାଣିଥିବା ଗୋଟିଏ ଉପାୟରେ ସେ ଦୌଡ଼ି ଗଛ ଉପରକୁ ଚଢ଼ିଗଲା । ଭିନ୍ନ ଭିନ୍ନ ଅନେକ ପଥ ବାଛିବା ଅପେକ୍ଷା ଗୋଟିଏ ସୁରକ୍ଷିତ ରାସ୍ତା ଆମ ପାଇଁ ହିତକାରୀ ।

## ତୁମ ପାଇଁ କାମ

୧. 'କ' ଠାରୁ 'ଲ' ଅକ୍ଷରରେ ନ '୍ନ' ଫଳା ଲଗାଇ ଲେଖ ।

୨. ଖାଲି ଜାଗା ପୂରଣ କର ।

ର_____କର ଜଗ_____ଥ ବି_____ରାଜ

_____ନାଗାର ଜ_____ମାମୁଁ ର_____ଗିରି

୩. ସଜାଡ଼ି ଲେଖ ।

| | | |
|---|---|---|
| ସପ୍ରନ୍ନ _____ | ବାଘ୍ନଧାବି _____ | ନାସ୍ନାଗାର _____ |
| ହ୍ନଜାବୀ _____ | ନ୍ନାଜଗଥ _____ | ତ୍ନାର _____ |
| ନ୍ନଭିବି _____ | ହ୍ନଜମାମୁଁ _____ | ଘ୍ନବିରାଜ _____ |

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Spot | ________ | Different | ________ |
| Moon | ________ | Wife | ________ |
| Bathroom | ________ | Fire | ________ |

## ୫. କୁହ ଓ ଲେଖ ।

(କ) ଭଗ୍ନ କୋଠାଟି କାହାର ?

(ଖ) ବିଲୁଆ ନନା କେଉଁଠି ଛକି ବସିଥିଲା ?

(ଗ) ବିଲୁଆ ଓ ବିଲେଇ କେଉଁ ବିଷୟରେ ଆଲୋଚନା କଲେ ?

(ଘ) ବିଲେଇ କୁକୁରମାନଙ୍କ କବଳରୁ କିପରି ରକ୍ଷା ପାଇଲା ?

## ୬. ଏମିତି ବି ହୁଏ-

ରତ୍ନ -- ରନ୍ତ୍      ଯତ୍ନ -- ଯନ୍ତ୍

**ସେହିପରି ଲେଖ :**

ପତ୍ନୀ ________

ରତ୍ନାକର ________

ଅଯତ୍ନ ________

# ପାଠ-୨୩

## 'ମ' - ଫଳା

କ୍ + ମ = କ୍ମ

ଦ୍ + ମ = ଦ୍ମ




ପଦ୍ମ



ଲକ୍ଷ୍ମୀ

| | | | | |
|---|---|---|---|---|
| ସଦ୍ମ | ଗୁଲ୍ମ | ସ୍ମରଣ | ପଦ୍ମାବତୀ | ଅକସ୍ମାତ |
| ଭୀଷ୍ମ | ସୂକ୍ଷ୍ମ | ବ୍ରାହ୍ମଣ | ଆକସ୍ମିକ | ହିରଣ୍ମକ |
| ଛଦ୍ମ | ଊଷ୍ମ | ସ୍ମାରକ | ହିରଣ୍ମୟ | ଜନ୍ମଦିନ |
| ଆତ୍ମା | ସ୍ମୃତି | ବାଲ୍ମୀକି | ନୀଳପଦ୍ମ | ଜନ୍ମଭୂମି |
| ଜନ୍ମ | ବ୍ରହ୍ମ | ଶ୍ମଶାନ | ପଦ୍ମାବତୀ | |
| ସ୍ମିତ | ରଶ୍ମି | ଜନ୍ମାନ୍ଧ | ଆୟୁଷ୍ମାନ | |

ବିସ୍ମୟ ବାଳକ ନଚିକେତା । ତାଙ୍କର ବାପା ଋଷି ବାଜଶ୍ରବା ବ୍ରାହ୍ମଣଙ୍କୁ ସବୁ ଦାନ କଲେ । ନଚିକେତା ପଚାରିଲେ, "ବାପା ମୋତେ କାହାକୁ ଦାନ କଲେ ?" ବାପା କହିଲେ "ତତେ ଯମକୁ ଦାନ କଲି ।" ଆୟୁଷ୍ମାନ ନଚିକେତା ଖୁସିରେ ଯମ ଘରକୁ ଗଲେ । ତିନିଦିନ ଉପବାସ ପରେ ଯମ ନଚିକେତାକୁ ଦେଖି ବିସ୍ମିତ ହେଲେ । ଆକସ୍ମିକ ଭାବେ ଯମରାଜା କାଳ ପୂରି ନଥିବା ବିସ୍ମୟ ବାଳକକୁ




ଦେଖିବାକୁ ପାଇଲେ । ନଚିକେତା ଯମରାଜାଙ୍କୁ ତିନୋଟି ପ୍ରଶ୍ନ ପଚାରିଲେ । ତାଙ୍କର ସବୁ ପ୍ରଶ୍ନର ଉତ୍ତର ଯମରାଜା ଦେଲେ । ବ୍ରାହ୍ମଣ ନଚିକେତା ଯମରାଜାଙ୍କ ନିକଟରୁ ଆତ୍ମବାଦ ଶୁଣି ଘରକୁ ଫେରିଗଲେ ।

ଜନନୀ ଆଉ ଜନ୍ମଭୂମି
ସରଗଠାରୁ ବଡ଼,
ସୂକ୍ଷ୍ମ ମନେ ସେବା କରିଲେ
ଜିଣିବ ତୁମେ ଗଡ଼ ।
ଲକ୍ଷ୍ମୀ ସାଆନ୍ତାଣୀ
ବଡ଼ ଦେଉଳେ,
କେବେ ଯାଇଥିଲେ
ଅଛୁଆଁ ଘରେ ।
ପଦ୍ମଫୁଲେ ନିତି
ପୂଜା ପାଇଲେ,



ସ୍ମିତ ହସ ହସି
          ଦୁଃଖ ହାରିଲେ ।
ଗ୍ରୀଷ୍ମ ଋତୁର ଉଷ୍ମ ପବନ,
          ମେଘ ଜନ୍ମାଇ ପାଳେ ଭୁବନ ।



## ତୁମ ପାଇଁ କାମ

**୧. ପଢ଼**

ଗହ୍ମା ପୁନେଇଁ, ଅକାଳ କୁଷ୍ମାଣ୍ଡ, ଆୟୁଷ୍ମାନ ଭବଃ, ଶ୍ମଶାନ ଘାଟ, ପଦ୍ମପୋଖରୀ

**୨. ଖାଲି ଜାଗା ପୂରଣ କର ।**

_____ବତୀ     _____ଭୂମି     _____ଶାନ

ଅକ_____     _____ଦିନ

**୩. ଇଂରାଜୀରୁ ଓଡ଼ିଆ କର ।**

| | | | |
|---|---|---|---|
| Lotus | __________ | Warm | __________ |
| Native Land | __________ | Memory | __________ |
| Birthday | __________ | Ray | __________ |

**୪. 'ମ' ଫଳାର ୫ଟି ଶବ୍ଦ ଲେଖ ।**

**୫. ଉତ୍ତର ଦିଅ-**

(କ) ନଚିକେତା କେତେ ଦିନ ଉପବାସ ରହିଥିଲେ ?

(ଖ) ନଚିକେତା ଋଷି ବାଜଶ୍ରବାଙ୍କୁ କ'ଣ ପଚାରିଲେ ?


(ଗ) ନଚିକେତା କିପରି ଘରକୁ ଫେରିଲେ ?


(ଘ) ନଚିକେତା ସମସ୍ତ ପ୍ରଶ୍ନର ଉତ୍ତର ଯମ ଦେଲେ କି ?

# ପାଠ-୨୪

ର୍ + କ୍ + ଅ = ର୍କ          ର୍ + ଖ୍ + ଅ = ର୍ଖ

## 'ରେଫ୍' ( ର୍ ) - ଯୋଗ





ସୂର୍ଯ୍ୟ


ଦର୍ପଣ

| | | | |
|---|---|---|---|
| ଅର୍ଥ | ଅର୍ପଣ | ସର୍ବନାଶ | ଭାରତବର୍ଷ |
| ଚର୍ମ | ପର୍ବତ | ଆଶୀର୍ବାଦ | ପର୍ବତମାଳା |
| ବର୍ଷ | ଅର୍ଜନ | ବିସର୍ଜନ | ଦୂରଦର୍ଶନ |
| ପୂର୍ବ | ଗର୍ଜନ | ଦୁର୍ଘଟଣା | ମାର୍ଗଶିର |
| ସର୍ପ | ନର୍ମଦା | ପରାମର୍ଶ | କାରୁକାର୍ଯ୍ୟ |
| ଗର୍ବ | ଦୁର୍ବଳ | ଆବିର୍ଭାବ | ନିଦର୍ଶନ |

ଧନ ଅର୍ଜନେ ଧର୍ମ କରି,
ଧର୍ମ ପ୍ରାପତ ନର ହରି ।
ଧର୍ମ କର୍ମ ବିନା ବ୍ୟର୍ଥ ଜୀବନ,
କର୍ମଠ ହୁଅ ହେ ଆର୍ଯ୍ୟ ଜନ ।



# ଆମ ଗାଆଁ ପିଲା ଅର୍ଜୁନ



ଆମ ଗାଆଁ ପିଲା ଅର୍ଜୁନ,
ହୋଇଅଛି ଏବେ ସର୍ଜନ।
ହରିଆକୁ କରେ ଗର୍ଜନ,
ଗରମ ଖାଉନ ଫୁଟେଇ ପିଉନ
ରୋଗକୁ କରୁଛ ଅର୍ଜନ।



ଏତେ କଥା କିଏ ଜାଣିଛି,
ବର୍ଷେ ହେଲା ରୋଗ ଘାରିଛି।
ଶରୀର ଦୁର୍ବଳ ଲାଗୁଛି
ଧର୍ମ କର୍ମ କଲେ ରୋଗ ଛାଡ଼ିଯିବ
ଭାବି ବ୍ୟର୍ଥେ ଅର୍ଥ ସାରିଛି।

ହରିଆକୁ କହେ ଅର୍ଜୁନ,
ବାସି ଖାଦ୍ୟ କର ବର୍ଜନ,
ମଶା ମାଛି ରୋଗ କାରଣ
ପଚା ସଢ଼ା ଖାଦ୍ୟ ସର୍ବନାଶ କରେ
କର ତାକୁ ସର୍ବଦା ବାରଣ।



## ତୁମ ପାଇଁ କାମ

**୧. ପର୍ବତ ଉପରେ ଶବ୍ଦ ଉଡୁଛି । ତଳେ ଥିବା ଖାଲି ଜାଗାରେ ଉପଯୁକ୍ତ ଶବ୍ଦ ବସାଅ ।**




ଏତେ କଥା କିଏ ଜାଣିଛି
________ ହେଲା ରୋଗ ଘାରିଛି
ଶରୀର ________ ଲାଗୁଛି
________ କଲେ ରୋଗ ଛାଡ଼ିଯିବ
ଭାବି ବ୍ୟର୍ଥେ ________ ସାରିଛି ।

**୨. ଠିକ୍ ଅକ୍ଷର ଉପରେ ରେଫ୍ 'ʳ' ଲଗାଇ ନୂଆ ଶବ୍ଦ ଗଢ଼ ।**

ସପ, କମ, ପବ, ସଜନ, ଅଜନ,
ଦପଣ, କୋଣାକ, ସୁଦଶନ, ପରାମଶ

**୩. ଇଂରାଜୀରୁ ଓଡ଼ିଆ କର ।**

| | | | |
|---|---|---|---|
| Mirror | ________ | Mountain | ________ |
| Snake | ________ | Sun | ________ |
| Year | ________ | Weak | ________ |
| East | ________ | Skin | ________ |
| Accident | ________ | | |

**୪. ସଜାଡ଼ି ଲେଖ-**


ର୍ଜଗନ, ର୍ପଦଣ, ରୁକାକାର୍ଯ୍ୟ, ରାପମର୍ଶ, ସବିର୍ଜନ, ଶୀଆର୍ବାଦ, ର୍ଗମାଶିର

# ପୁଣି ଆମେ କ'ଣ ଶିଖିଲେ

| | | |
|---|---|---|
| ଯ-ଫଳା | ୍ୟ | କ୍ + ଯ = କ୍ୟ |
| ର-ଫଳା | ୍ର | କ୍ + ର = କ୍ର |
| ଲ-ଫଳା | ୍ଲ | କ୍ + ଲ = କ୍ଲ |
| ଳ-ଫଳା | ୍ଳ | କ୍ + ଳ = କ୍ଳ |
| ବ-ଫଳା | ୍ୱ | କ୍ + ବ = କ୍ୱ |
| ନ-ଫଳା | ୍ନ | କ୍ + ନ = କ୍ନ |
| ମ-ଫଳା | ୍ମ | କ୍ + ମ = କ୍ମ |
| ରେଫ୍ ଯୋଗ | ର୍ | ର୍ + କ୍ + ଅ = ର୍କ |

# ପାଠ-୨୫

## ଙ୍ + କ = ଙ୍କ



କଙ୍କଡ଼ା




ମାଙ୍କଡ଼

| | | |
|---|---|---|
| ଝିଙ୍କ | ଶାଙ୍କୁଚ | ପାଣିଟାଙ୍କି |
| ଅଙ୍କ | ପଙ୍କଜ | ଶିବଶଙ୍କର |
| ବଙ୍କା | କାଙ୍କଡ଼ | ଲଙ୍କାଗଡ଼ |
| ରଙ୍କ | ପଲଙ୍କ | ବଙ୍କାଗୋଡ଼ |
| ଲଙ୍କା | ଶଙ୍କର | ଝିଙ୍କକାଠି |

ଝଙ୍କଡ଼ର ପଙ୍କଜବାବୁ ଟଙ୍କା ଥଳି ଧରି ଶଙ୍କରବାବୁଙ୍କ ଘରକୁ ଯାଉଥିଲେ । ତାଙ୍କ ମନରେ ଭିନ୍ନ ଭିନ୍ନ ଶଙ୍କା ଜାତ ହେଉଥିଲା । ମନରେ ସାହସ ରଖି ଆଗକୁ ଚାଲିଲେ । ସଡ଼କ କଡ଼ରେ ଗୋଟିଏ ଝଙ୍କାଳିଆ ବରଗଛ ଥିଲା । ସେ ଗଛରେ ଅନେକ ହନୁମାଙ୍କଡ଼ ରହୁଥିଲେ । ପଙ୍କଜବାବୁଙ୍କ ହାତରେ ଟଙ୍କା ଥଳି ଦେଖି

ମାଙ୍କଡ଼ମାନେ ଆକ୍ରମଣ କଲେ । ମାଙ୍କଡ଼ମାନେ ଓ ପଙ୍କଜବାବୁଙ୍କ ଭିତରେ ଝିଙ୍କାଝିଙ୍କି ହେଲା । ପଙ୍କଜବାବୁ ଛିଟିକି ପଡ଼ି ଗୋଟିଏ ଓଇହୁଙ୍କା ଉପରେ



ପଡ଼ିଲେ । ମାଙ୍କଡ଼ମାନେ ଟଙ୍କା ଥଳି ଧରି ହୁଙ୍କାର ମାରି ଗଛ ଉପରକୁ ଚଢ଼ିଗଲେ । ପଙ୍କଜବାବୁ ଏକ ବଡ଼ ବାଙ୍କୁଲିବାଡ଼ି ସାହାଯ୍ୟରେ ମାଙ୍କଡ଼ମାନଙ୍କୁ ଡରାଇଲେ । ଶେଷରେ ମାଙ୍କଡ଼ମାନେ ଶଙ୍କିଯାଇ ଟଙ୍କା ଥଳିକୁ ତଳେ ଫୋପାଡ଼ି ଦେଲେ । ପଙ୍କଜବାବୁ ଟଙ୍କା ଥଳିକୁ ଧରି ଶଙ୍କରବାବୁଙ୍କ ଘରକୁ ଗଲେ ।

ମାଙ୍କଡ଼ ଖାଏ କାଙ୍କଡ଼ କଷି,
ବାଙ୍କବାବୁଙ୍କ ବାଡ଼ିରେ ପଶି ।
ତାଙ୍କ କୁକୁର ଆସିଲା ଧାଇଁ,
ହନୁ ମାଙ୍କଡ଼ ଗଲା ପଳାଇ ।

## ତୁମ ପାଇଁ କାମ

୧. 'ଙ୍କ' ଅକ୍ଷର ଲଗାଇ ୫ଟି ଶବ୍ଦ ଲେଖ।

_______ _______ _______ _______ _______

୨. ସଜାଡ଼ି ଲେଖ।

ଙ୍କକାଡ଼, ଙ୍କମାଡ଼, ଙ୍କାଲଗଡ଼, ଲପଙ୍କ, ଙ୍କଶର, ଣିପାଟାଙ୍କି, ଙ୍କଝିକାଠି, ଙ୍କାବଗୋଡ଼

୩. ଶୂନ୍ୟସ୍ଥାନ ପୂରଣ କର।

| | | |
|---|---|---|
| କା______ଡ଼ | ପାଣିଟା______ | ଙ୍ + ______ = ଙ୍କ |
| ମା______ଡ଼ | ଝି______କାଠି | ______ + କ = ଙ୍କ |
| ଶ______ର | ବ______ଗୋଡ଼ | ଙ୍ + କ = ______ |

୪. ଇଂରାଜୀରୁ ଓଡ଼ିଆ କର।

| | | | |
|---|---|---|---|
| Monkey | ______ | Water Tank | ______ |
| Crab | ______ | Chilli | ______ |
| Mathematics | ______ | Porcupine | ______ |

୫. ଉତ୍ତର ଲେଖ।

(କ) ପଙ୍କଜବାବୁ ହାତରେ କ'ଣ ଧରି ଯାଉଥିଲେ ?


(ଖ) ବରଗଛରେ କେଉଁମାନେ ରହୁଥିଲେ ?

(ଗ) ପଙ୍କଜବାବୁ କେଉଁଠି ଛିଟିକି ପଡ଼ିଲେ ?

(ଘ) ପଙ୍କଜବାବୁ କାହା ସାହାଯ୍ୟରେ ମାଙ୍କଡ଼ଙ୍କୁ ଡରାଇଲେ ?

# ପାଠ-୨୬

## ଙ୍ + ଖ = ଙ୍ଖ



**ଶଙ୍ଖ**



**ପଙ୍ଖା**

| | | |
|---|---|---|
| ପଙ୍ଖା | ସଙ୍ଖୁଡ଼ି | ବିଶୃଙ୍ଖଳା |
| ଶଙ୍ଖା | ଶଙ୍ଖୁଆ | ଶୁଭଶଙ୍ଖ |

ଆସିଗଲା ଝିଅ ବିଦା ବେଳ । ଶଙ୍ଖୁଆ ଶଙ୍ଖ ବଜାଇଲା । ସବାରି ଆସିଲା । ଶଙ୍ଖାରି ବୁଢ଼ା ଝିଅକୁ ଶଙ୍ଖା ଲଗେଇ ଦେଲା । ସବୁ କାମ ଶୃଙ୍ଖଳାରେ ଚାଲିଥାଏ । ବାହାଘରରେ କେଉଁଠି ବିଶୃଙ୍ଖଳା ଦେଖାଯାଉ ନଥାଏ । ବାପାଙ୍କୁ ମୁଣ୍ଡିଆମାରି ଝିଅ ସବାରିରେ ବସିଲା । ଶୃଙ୍ଖଳିତ ଜୀବନ ବିତାଇବା ପାଇଁ ବାପା ଝିଅକୁ କହିଲେ । ସେହି ସମୟରେ ଶଙ୍ଖଚିଲ ଚିରିଂ ଚିରିଂ ଶବ୍ଦ କରି ଆକାଶକୁ ଉଡ଼ିଗଲା । ଝିଅ ଅଳ୍ପ ସମୟ ମଧ୍ୟରେ ତାଙ୍କ ଗାଆଁ ପାରିହୋଇ ଶାଶୁଘର ଆଡ଼କୁ ମୁହାଁଇଲା । ଶଙ୍ଖୁଆ ସେମିତି ଶୁଭଶଙ୍ଖ ବଜାଉଥାଏ କିଛି ବେଳଯାଏ ।

## ତୁମ ପାଇଁ କାମ

୧. 'ଙ୍ଖ' ଲଗାଇ ୫ଟି ଶବ୍ଦ କରି ବାକ୍ୟ ଲେଖ।

୨. ସଜାଡ଼ି ଲେଖ -

ଙ୍ଖଶୃଳା, ଶୃବିଙ୍ଖଳା, ଭଶୁଶଙ୍ଖ, ଙ୍ଖଶଚିଲ, ଙ୍ଖାଶରି, ଆଶଙ୍ଖୁ

୩. ଖାଲି ସ୍ଥାନ ପୂରଣ କର।

ଶ______ଆ, ______ଚିଲ, ଶୃ______ଳା,

ଶ______, ସ______ଳି

୪. ଇଂରାଜୀରୁ ଓଡ଼ିଆ କର।

Fan __________ Bangle __________

Discipline __________

୫. ଉତ୍ତର ଲେଖ।

(କ) ଶଙ୍ଖାରିବୁଢ଼ା ଝିଅକୁ କ'ଣ ଲଗେଇ ଦେଲା ?

(ଖ) ଝିଅ ବିଦା ବେଳେ କ'ଣ ବାଜୁଥିଲା ?

(ଗ) ଆକାଶରେ କିଏ ଉଡୁଥିଲା ?

(ଘ) କିଏ ଶଙ୍ଖ ବଜାଉଥିଲା ?


(ଙ) କାମ କେମିତି ଚାଲୁଥିଲା ?

(ଚ) ଝିଅ କେଉଁଠିକି ଯାଉଥିଲା ?

# ପାଠ-୨୭

## ଙ୍ + ଗ = ଙ୍ଗ





## ବେଙ୍ଗ ଡଙ୍ଗା

| | | |
|---|---|---|
| ସାଙ୍ଗ | ଆଙ୍ଗୁଳି | କଙ୍ଗାରୁ |
| ଗଙ୍ଗା | ସଙ୍ଗାତ | ଟାଙ୍ଗିଆ |
| ଠୁଙ୍ଗା | ସଙ୍ଗୀତ | କରମଙ୍ଗା |
| ଡେଙ୍ଗା | ସାରଙ୍ଗ | ପଙ୍ଗପାଳ |

ବଜରଙ୍ଗର ଘର ନବରଙ୍ଗପୁର ଗାଁରେ । ସେ ତା' ସଙ୍ଗାତ ସହିତ ଗଙ୍ଗଶିଉଳି ଫୁଲ ଗୋଟେଇ ଡଙ୍ଗାରେ ବୁଲିବା ପାଇଁ ଗଲା । ବାଟରେ ବେଙ୍ଗ ଓ ବେଙ୍ଗୁଲି ସାରୁଗଛ ମୂଳେ ବସି କଥା ହେଉଥିବାର ଦେଖିଲେ । ବର୍ଷା କେବେ ଆସିବ ଓ କେବେ ରଙ୍ଗବେରଙ୍ଗ ଫୁଲ ଫୁଟିବ ସେଇକଥା ହେଉଥିଲେ । ଶେଷରେ ଦୁଇସାଙ୍ଗ କରମଙ୍ଗା ତୋଳି ଠୁଙ୍ଗା ଭିତରେ ରଖିଲେ । ଡେଙ୍ଗା ମହୁଲ ଗଛ ତଳେ ବସି ସଙ୍ଗୀତ ଗାଇ ଦୁଇ ସଙ୍ଗାତ ଖୁସି ମନରେ କରମଙ୍ଗା ଖାଇଲେ ।

## ତୁମ ପାଇଁ କାମ

୧. 'ଙ୍ଗ' ଲଗାଇ ୫ଟି ଶବ୍ଦ କରି ବାକ୍ୟ ଲେଖ।

୨. ସଜାଡ଼ି ଲେଖ।

ଙ୍ଗୁଆଳି, ଙ୍ଗାକରୁ, ଙ୍ଗିଟାଆ, ଙ୍ଗାସତ,

ରକମଙ୍ଗା, ଙ୍ଗପପାଳ, ରସାଙ୍ଗ

୩. ଖାଲି ସ୍ଥାନ ପୂରଣ କର।

ସାର______, କରମ______, ସ______ତ,

ଆ______ଳି, ପ______ପାଳ, ଟା______ଆ

୪. ଇଂରାଜୀରୁ ଓଡ଼ିଆ କର।

| | | | |
|---|---|---|---|
| Friend | ______ | Finger | ______ |
| Kangaroo | ______ | Ganga | ______ |
| Song | ______ | Tall | ______ |

୫. ଉତ୍ତର ଲେଖ।

(କ) ବଜରଙ୍ଗର ଘର କେଉଁଠି ?

(ଖ) ବଜରଙ୍ଗ ତା' ସାଙ୍ଗ ସହିତ କେଉଁଠିକୁ ଗଲା ?

(ଗ) ବାଟରେ କାହାକୁ ଦେଖିଲେ ?

(ଘ) ଦୁଇସାଙ୍ଗ କ'ଣ ତୋଳି ଠୁଙ୍ଗା ଭିତରେ ରଖିଲେ ?

# ପାଠ-୨୮

## ଙ୍ + ଘ = ଙ୍ଘ



ଶୁଙ୍ଘିବା




ଜଙ୍ଘିଆ

| | | |
|---|---|---|
| ସଙ୍ଘ | ଯୁବକ ସଙ୍ଘ | ଲଙ୍ଘି |
| ସିଙ୍ଘାଣି | ସଙ୍ଘମିତ୍ରା | ସାଙ୍ଘାତିକ |

ଘୋଡ଼ାର ଶିଙ୍ଗ ନାହିଁ । ହନୁମାନ ସମୁଦ୍ର ଲଙ୍ଘିଲା । ସେ ସିଙ୍ଘାଣି ପୋଛୁଛି । ସଙ୍ଘମିତ୍ରା ଜଣେ ଚିତ୍ରକର । ରାଣୀ ଫୁଲ ଶୁଙ୍ଘିବାକୁ ଭଲପାଏ । ସରସ୍ୱତୀ ସାଙ୍ଘାତିକ ଜ୍ୱରରେ ପଡ଼ିଛି । ଗାଁର ସଡ଼କସବୁ ବର୍ଷାଦିନେ ସାଙ୍ଘାତିକ ହୋଇଯାଏ । ତେଣୁ ଯୁବକ ସଙ୍ଘ ତିଆରି କରି ଗାଁର ଉନ୍ନତି କର ।

ଭୀମ ଗଦାମାଡ଼ରେ ଦୁର୍ଯ୍ୟୋଧନର ଜଙ୍ଘ ଭାଙ୍ଗିଦେଲା । ବିଦ୍ୟାଳୟର ନିୟମ ଉଲ୍ଲଙ୍ଘନ କଲେ ଶିକ୍ଷକ ଛାତ୍ରମାନଙ୍କୁ ଶ୍ରେଣୀଗୃହରୁ ବାହାରକୁ କାଢ଼ିଦେବେ ।



## ତୁମ ପାଇଁ କାମ

୧. (କ) କିଏ ଜଣେ ଚିତ୍ରକର ?

(ଖ) ସାଙ୍ଘାତିକ ଜ୍ୱରରେ କିଏ ପଡ଼ିଛି ?

(ଗ) ଭୀମ କାହା ଜଙ୍ଘ ଭାଙ୍ଗିଲା ?

୨. 'ଙ୍ଘ' ଲଗାଇ ୪ଟି ଶବ୍ଦ ଲେଖ ।

୩. ଖାଲି ସ୍ଥାନ ପୂରଣ କର ।

_____ _____ମିତ୍ରା, ଜ_____, ଶୁ_____ବା, ସି_____ଣି, ସା_____ତିକ ।

୪. ସଜାଡ଼ି ଲେଖ ।

ଙ୍ଘିଶୁବା, ଙ୍ଘଲନ, ଙ୍ଘସମିତ୍ରା, କଯୁବସଙ୍ଘ, ଙ୍ଘାସାତିକ

୫. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Association | __________ | Serious | __________ |
| Thigh | __________ | Smell | __________ |


୬. ଗାଇବା ଆସ -

ସିଙ୍ଘାଣି ନାକୀ ଶୁଙ୍ଘି ପାରେନା
ବାସନା ଫୁଲଟିଏ
ଲଙ୍ଘନ କଲେ ନିୟମ ମାନ
ଦୁଃଖ ତ ମିଳିଥାଏ ।

ଯୁବକ ସଙ୍ଘ କରିଲେ ପିଲା
ଗାଁରେ ହୋଇ ମେଳି
ସଙ୍ଘମିତ୍ରା ଯେ ଚିତ୍ର କରିବ
ପଡ଼ିଛି ତା'ର ପାଳି ।

# ପାଠ-୨୯

# ସଙ୍ଘମିତ୍ରାର ରଙ୍ଗମହଲ



ସଙ୍ଘମିତ୍ରା ନାନୀ      ପଶୁପକ୍ଷୀ ଘେନି
ଗଢ଼ିଛି ରଙ୍ଗ ମହଲ,
ସଙ୍ଗୀତ ଶିଖିବେ      ନାଚ ଦେଖାଇବେ
ପଶୁ ଆଉ ପକ୍ଷୀ ପଲ ।



ବେଙ୍ଗୁଲି ନାନୀଟି      ସଙ୍ଗୀତ ଶିଖାଏ
ନାଚ ଶିଖାଏ ଚିଙ୍ଗୁଡ଼ି,
ଜଙ୍ଘି ଭାଲୁଟିଏ      ମୃଦଙ୍ଗ ବଜାଏ
ବଂଶୀ ବଜାଏ ବାଦୁଡ଼ି ।



ନିୟମ ନ ଲଙ୍ଘି      ଅଙ୍ଗ ଭଙ୍ଗୀ ଶିକ୍ଷା
ଦେଉଛି ମୟୂର ଭାଇ,
ଠେଙ୍ଗା ଚାଳନାରେ      ନୂଆ ନୂଆ ଢଙ୍ଗ
ମାଙ୍କଡ଼ ଦିଏ ଶିଖାଇ ।



ମନଯୋଗ ଦେଇ      ଶିଖିଲେ ସଭିଏଁ
ହୋଇଗଲେ ପାରଙ୍ଗମ,
ଯେଉଁଠିକି ଗଲେ      ସବୁଠି ଜିତିଲେ
କେହି ନୁହଁ ତାଙ୍କ ସମ ।

## ତୁମ ପାଇଁ କାମ

୧. (କ) ସଙ୍ଘମିତ୍ରା କ'ଣ ଗଢ଼ିଛି ?

(ଖ) କିଏ ସଙ୍ଗୀତ ଶିଖାଏ ?

(ଗ) ମୟୂର କ'ଣ ଶିକ୍ଷା ଦିଏ ?

୨. **ଖାଲି ସ୍ଥାନ ପୂରଣ କର ।**

__________ ଚାଳନାରେ ନୂଆ ନୂଆ __________

__________ ଦିଏ ଶିଖାଇ

__________ ଭାଲୁଟିଏ __________ ବଜାଏ


__________ ବଜାଏ __________ ।

୩. **'କ' ସ୍ତମ୍ଭର ପଶୁପକ୍ଷୀ ନାମ ସହ 'ଖ' ସ୍ତମ୍ଭରେ କାର୍ଯ୍ୟକୁ ଟୀର ଦେଇ ମିଳାଅ ।**

| 'କ' | 'ଖ' |
|---|---|
| ବେଙ୍ଗୁଲି | ମୃଦଙ୍ଗ |
| ମୟୂର | ଠେଙ୍ଗାଚାଳନା |
| ଚିଙ୍ଗୁଡ଼ି | ସଂଗୀତ |
| ମାଙ୍କଡ | ଅଂଗଭଙ୍ଗୀ |
| ଭାଲୁ | ନାଚଶିକ୍ଷା |


# ଚାରି ସଙ୍ଗାତ କଥା

ଜଙ୍ଗଲ ଭିତରେ ପୋଖରୀଟିଏ । ସଫା କାଚ ଭଳି ପାଣି । ସେଇ ପୋଖରୀରେ ରହୁଥିଲା ଏକ କଇଁଛ । ପୋଖରୀ କୂଳରେ ଗୋଟିଏ ଝଙ୍କାଳିଆ ବରଗଛ ଏବଂ ତା' ପାଖକୁ ଲାଗି ଗହଳିଆ ବୁଦା ସବୁ ରହିଛି । ସେଇ ବୁଦା ଭିତରେ ଘର କରି ରହିଥିଲେ ଦୁଇ ସାଙ୍ଗ - ମୂଷା ଏବଂ ଠେକୁଆ । ବରଗଛ ଉପରେ ବସା କରିଥିଲା କାଉଟିଏ । କଇଁଛ, ମୂଷା, ଠେକୁଆ, କାଉ ଚାରିଜଣ ବହୁତ ଭଲ ସାଙ୍ଗ ଥିଲେ । ଖାଲି ସମୟରେ ଏକାଠି ବସି ଗପ କରୁଥିଲେ । ଏମିତି ଖୁସିରେ ଦିନଗୁଡ଼ିକ କଟିଯାଉଥାଏ ।



ଥରେ ଶିକାରୀର ଫାଶରେ କଇଁଛ ଓ ଠେକୁଆ ପଡ଼ିଗଲେ । ଶିକାରୀ ଖୁସିରେ ତା' ମୁଣା ଭିତରେ ଦୁହିଁଙ୍କୁ ପୂରାଇ ଘରକୁ ଚାଲିଲା । ଠେକୁଆ ଭାରି ଚାଲାକ୍ । ସେ ଚୁପ୍‌ଚାପ୍ କଇଁଛ ପରି ମୁଣା ଭିତରେ ପଡ଼ି ନ ରହି ଜୋର୍‌ରେ ରଡ଼ିକଲା ।

ମୂଷା ଓ କାଉ ସଙ୍ଗାତର ବିକଳ ଡାକ ଶୁଣି ସେଠାରେ ପହଞ୍ଚିଗଲେ । ଦୁଇ ସଙ୍ଗାତକୁ ଦେଖି ଦୁଃଖ କଲେ । ସେମାନେ ଶିକାରୀକୁ ଅନୁସରଣ କଲେ । କାଉ କାଆ କାଆ କରି ତା'ର ସାଙ୍ଗସାଥୀଙ୍କୁ ବିପଦର ସୂଚନା ଦେଇଦେଲା । ହଜାର ହଜାର କାଉ ଆସି ଏକାଠି ଜମା ହେଲେ । ବିଚାର ବିମର୍ଶ ପରେ ସେମାନେ ସାଙ୍ଗ ହୋଇ ଶିକାରୀକୁ ଆକ୍ରମଣ କଲେ । ସେମାନଙ୍କ



ଆକ୍ରମଣରେ ଶିକାରୀର ସର୍ବନାଶ ହେଲା । ତା'ର ନାକ, କାନ କ୍ଷତବିକ୍ଷତ ହୋଇଗଲା । ସେ ତଳେ ଗଡ଼ି ଛଟପଟ ହେଲା । ଏହି ସୁଯୋଗରେ ମୂଷା ଶିକାରୀର ଜାଲମୁଣାକୁ ନିଜ ତୀକ୍ଷ୍ଣ ଦାନ୍ତରେ କାଟିଦେଲା । ଠେକୁଆ ଓ କଇଁଛ ଜାଲ ମୁଣାରୁ ବାହାରି ଆସି ଝଙ୍କାଳିଆ ବୁଦା ଭିତରେ ଲୁଚିଗଲେ । ଶିକାରୀ ବିଚରା କ୍ଷତବିକ୍ଷତ ହୋଇ ମନଦୁଃଖରେ ଘରକୁ ଫେରିଲା ।



ଏଥିରୁ ଆମେ ଜାଣିଲେ ନିଃସ୍ୱାର୍ଥପର ସାଙ୍ଗ ହେବାର ମୂଲ୍ୟ ବହୁତ ।

ଯିଏ ପ୍ରକୃତ ସାଙ୍ଗ ସେ କେବଳ ସୁଖ ବେଳେ ପାଖରେ ନଥାଏ, ବିପଦପଡ଼ିଲେ ମଧ୍ୟ ସାହାଯ୍ୟ କରିବାକୁ ଆଗଭର ହୋଇଥାଏ ।

## ତୁମ ପାଇଁ କାମ

### ୧. ଶବ୍ଦଗୁଡ଼ିକ ଅଭ୍ୟାସ କର--

| | |
|---|---|
| ସଙ୍ଗାତ | ନିଃସ୍ୱାର୍ଥପର |
| କଇଁଛ | ଆକ୍ରମଣ |
| ଝଙ୍କାଳିଆ | ସର୍ବନାଶ |
| ସାହାଯ୍ୟ | ମନଦୁଃଖ |

### ୨. ଗପଟିକୁ ଭଲ ଭାବରେ ପଢ଼ ଓ ଅଧାବାକ୍ୟ ପୂରଣ କର ।

(କ) ସେହି ବୁଦା ଭିତରେ ଘର କରିଥିଲେ ଦୁଇ ସାଂଗ ________ ।

(ଖ) ଥରେ ଶିକାରୀର ଫାଶରେ ________ ।

(ଗ) ସେମାନଙ୍କ ଆକ୍ରମଣରେ ________ ହେଲା ।

(ଘ) ________ ହୋଇ ମନଦୁଃଖରେ ଘରକୁ ଫେରିଲା ।

### ୩. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ -

(କ) ପୋଖରୀରେ କିଏ ରହୁଥିଲା ?

(ଖ) ଚାରି ସଂଗାତଙ୍କ ନାମ ଲେଖ ?

(ଗ) ଶିକାରୀ କାହିଁକି ଫାଶ ବସାଇଥିଲା ?

(ଘ) ସାଂଗକୁ ରକ୍ଷା କରିବାକୁ ଯାଇ କାଉ କ'ଣ କଲା ?

(ଙ) ଶେଷରେ ଶିକାରୀର କ'ଣ ହେଲା ?

## ୪. କିଏ କାହାର ବସା ଯୋଡିଦିଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କାଉ | ବୁଦା |
| ଠେକୁଆ | ପୋଖରୀ |
| କଇଁଛ | ଗାତ |
| ମୂଷା | ବରଗଛ |

## ୫. ନିମ୍ନ ଶବ୍ଦଗୁଡ଼ିକର ଅର୍ଥକୁ ବାଛି ଠିକ୍ ଚିହ୍ନ ଦିଅ -

(କ) କଇଁଛ ____________ (ସର୍ପ, କଚ୍ଛପ, ମୀନ, ମଗର)

(ଖ) ସଙ୍ଗାତ ____________ (ଶତ୍ରୁ, ଭାଇ, ଭଉଣୀ, ବନ୍ଧୁ)

(ଗ) ତୀକ୍ଷ୍ଣ ____________ (ଧାରୁଆ, ବଙ୍କା, ସିଧା, ଲମ୍ବା)

(ଘ) ନିଃସ୍ୱାର୍ଥପର ______ (ଲୋଭୀ, ଗର୍ବୀ, ଅଭିମାନୀ, ପରୋପକାରୀ)

## ୬. ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ -

ସଫା ____________ ବିପଦ ____________

ଦିନ ____________ ସୁଯୋଗ ____________